

ଆଇପିଏଲ୍ ସୁପରଷ୍ଟାର
ସୂର୍ଯ୍ୟବଂଶୀ

ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-334 TUESDAY 2 JUNE 2026 PAGE-12 ₹ 7.00 | PANIKOILI | ବର୍ଷ-୪୩ ସଂଖ୍ୟା-୩୩୪ ମଙ୍ଗଳବାର ୨ ଜୁନ୍ ୨୦୨୬ ପୃଷ୍ଠା-୧୨ ଟ.୭.୦୦



PRAGATI Shaping future
PRAGATI
Bhawanipatna

A GRAND HONOUR FOR 84 STUDENTS SECURING 90%+ MARKS

PRAGATI - THE HOME OF EXCELLENCE

ADMISSION OPEN 2026-27
CBSE +3 SCIENCE | CHSE BSc NURSING

RAISINGPUR, BHAWANIPATNA, KALAHANDI, ODISHA & DWARIKA CITY, RAILWAY STATION ROAD, BHAWANIPATNA

RESULT 2026

95.60% CBSE XII SCIENCE PREETI
94.20% CBSE XII HUMANITIES PAWNEE
DIST TOPPERS CBSE XII

588 MARKS 98.00% DEEPIKA
AHSE XII

93.20% ASHMA
97.60% BABUL
553 MARK 92.17% RAJAT
CBSE XII

97.83% ADYASHA
97.17% PRATIK
96.33% SRABAN
96.17% DAYASAGAR
96.17% MUKESH
96.00% AUROMITA
95.67% RUPALI
95.50% SAMIKSHYA
95.50% SUBHAM
95.33% TANMAYA

94.40% P. ROHIT SCIENCE
94.40% PALLAVI SCIENCE
94.00% YUG SCIENCE
93.40% SUSHREE SCIENCE
92.80% JAGRUTI SCIENCE
92.80% SRUTI HUMANITIES
92.60% ANCHAL COMMERCE
92.00% MANAS SCIENCE

94.83% LIPSA
94.50% IPSITA
94.50% KHUSBU
94.33% TRIBIKRAM
94.00% ADITYA
94.00% SUBHASHREE
93.83% NASIT
93.67% RADHAKANTA
93.17% PRATIKSHYA
93.00% SAMIKSHYA

91.69% POOJA SCIENCE
91.00% TAPASENDRA SCIENCE
91.00% MUKTESWARI SCIENCE
90.80% JAGRUTI HUMANITIES
90.00% SWABHI SCIENCE
90.00% SWASTIK SCIENCE
90.00% SUSHREE HUMANITIES
90.00% SRUTI HUMANITIES

92.67% SWAGAT
92.50% ANJALI
92.50% DIBYADARSHINI
92.50% DOLLY
91.67% CHANDAN
91.33% SHREYANSH
91.17% NITESH
91.17% SUMAN
90.83% ASHUTOSH
90.83% DIPESH

90.83% PRADYUMNA
90.67% CHUMAN
90.50% JANMAJAYA
90.33% ARPITA
90.33% CHANDAN
90.17% PAYAL
90.00% ANSHUMAN
90.00% ANIL
90.00% SRIRAM
90.00% TAPAS

PRAGATI DEGREE COLLEGE [ +3 SCIENCE ]
PHYSICS, CHEMISTRY, MATHEMATICS,BOTANY, COMPUTER SCIENCE & ZOOLOGY

ADMISSION OPEN

MMU UNIVERSITY TOPPERS 2026
ROJEE SAHU 9.27 Chemistry
ARCHANA MISHRA 9.12 Physics
RINU BHOI 9.05 Mathematics

9 STUDENTS QUALIFIED IIT JAM 2026
ROJEE CHEMISTRY
ASHISH CHEMISTRY
SANJANA CHEMISTRY
KRISHNA ZOOLOGY
SAHIL CHEMISTRY
RINU MATHEMATICS
KIRTIKA PHYSICS

MS Medaax HOSPITAL Bhawanipatna

OUR FACILITIES
- Advance CT scan
- Endoscopy and Colonoscopy
- HD Laparoscopy & 4K visuals
- Laboratory Medicine
- Fully Equipped ICU
- Microbiology
- Biochemistry
- 4D Ultrasound & Echo Imaging
- Digital Radiography
- Modular Operation Room
- Advance State of Art OT complex & Labour Room
- Central Oxygen & Medical Gas Pipelines




Medaax Hospital
+91 9040555108,
+91 9937999108
BHAWANIPATNA, KALAHANDI



Dr. Sanjeev Kumar Panda MBBS, MD, Medicine Specialist
Dr. Shirish Singh
Dr. Akanksha Priam
Dr. Pradeep Panigrahi
Er. Ajaya Kumar Panda Director

Study B.SC NURSING in PRAGATI and build a BRIGHT CAREER HEALTH CARE



PRAGATI BHAWANIPATNA

Call For Admission Inquiry PRIME
+91 8370580155 +91 8249351624
+91 7978744074 +91 8917288180

Call For Registration in CHSE
7978631183 8260062827
7608970988 7327870988

Call For Registration in CBSE
Contact for Nursery to V
81180 46222
81180 45111
77499 31222

For Admission Inquiry Call...
7847970988 8917288180
7855970988 9861770988

Contact for Class VI to XI
9337185443
8093370988

Call For Registration in DEGREE
7205460988 6372199053 773514343 8

ENROLL NOW
www.pragatiinstitutions.in
pragatibhawanipatna

## ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୧୬ଟି ଅଭିଯୋଗର ତତ୍କାଳ ସମାଧାନ



**ବାରିପଦା, ୧।୬(ସମିସ)**

ବାରିପଦାରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାରିପଦା ଉପଖଣ୍ଡରର ୨୯୧ଟି ଅଭିଯୋଗର ଶୁଣାଣି କରାଯାଇ ୧୬ଟିର ତତ୍କାଳ ଫଇସଲା ହୋଇଛି।

ଆଜି ଆୟୋଜିତ ଶିବିରରେ ପଞ୍ଜିକୃତ ହୋଇଥିବା ଅଭିଯୋଗ ମଧ୍ୟରୁ ୨୬୦ଟି ବ୍ୟକ୍ତିଗତ ସମସ୍ୟା ଆଧାରିତ ଥିବାବେଳେ ୩୧ଟି ସାମୂହିକ ସମସ୍ୟା ସମ୍ବଳିତ ଅଭିଯୋଗ ଥିଲା। ତନ୍ମଧ୍ୟରୁ ୧୬ଟି ଅଭିଯୋଗର ଦ୍ୱରିତ ସମାଧାନ କରାଯାଇଥିଲା। ଏହାସହ ୧୩ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଓ ୩ ଜଣଙ୍କୁ ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସେହିପରି ଆଜିର ଜନଅଭିଯୋଗ ଶୁଣାଣିରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ଦ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜନଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଦୁଃଖବନ୍ଧୁ ନାୟକ ଓ ଈଶ୍ୱର ଚନ୍ଦ୍ର ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ଧନୁର୍ଜୟ ମହାନ୍ତ, ବାରିପଦା ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ତତସହିତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡର ଉପଖଣ୍ଡ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ସକ୍ରିୟ ଭାବେ ଅଂଶଗ୍ରହଣ କରି ସଫଳ କରିଥିଲେ।

## ୩ ମାସ ହେଲା ମିଳୁନି ଭତ୍ତା

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ କୁଷ୍ଠାଶ୍ରମ ଅନ୍ତେବାସୀ



**ବାରିପଦା, ୧।୬(ସମିସ):** ବାରିପଦା ରଘୁନାଥପୁରରେ ଥିବା କୁଷ୍ଠାଶ୍ରମ ବୃଦ୍ଧବୃଦ୍ଧା ଅନ୍ତେବାସୀ ବିଗତ ୩ ମାସ ହେବ ସାମାଜିକ ସୁରକ୍ଷା ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଭତ୍ତା ଟଙ୍କା ପାଇଁ ବାରମ୍ବାର ଅଫିସ ଓ ବ୍ୟାଙ୍କ ଦୌଡ଼ି ଦୌଡ଼ି ନୟାନ୍ତ ହେବା ପରେ ଶେଷରେ ସୋମବାର ସେମାନେ ପ୍ରଥମେ ବାରିପଦା ମ୍ୟୁନିସିପାଲଟିରେ ପହଞ୍ଚି ଥିଲେ। ସେଠାରେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ତାଙ୍କ ସମସ୍ୟା ବୁଝିବା ସହିତ ସମସ୍ତଙ୍କୁ ସାଙ୍ଗରେ ଧରି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଚାଲିଥିବା ଜନଅଭିଯୋଗ ଶୁଣାଣି ଶିବିରରେ ପହଞ୍ଚି ଜିଲ୍ଲାପାଳ ହେମକାନ୍ତ ସଏଙ୍କୁ ନିଜର ଗୁହାରି ଜଣାଇଛନ୍ତି। ବୃଦ୍ଧା ସନା ହାଁସଦା ଓ ପ୍ରେମଦିନୀ ନାଏକଙ୍କ ସମେତ ଅନ୍ୟ ବାସିନ୍ଦାମାନେ ପ୍ରଖର ଖରାରେ ଆସି ଭତ୍ତା ନ ମିଳିବା ଯୋଗୁଁ ଔଷଧ ଓ ଖାଦ୍ୟପେୟ କିଣିବାରେ ହେଉଥିବା ଅସୁବିଧା ବିଷୟରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ଏହି ଅଭିଯୋଗକୁ ଗମ୍ଭୀରତାର ସହ ନେଇ ମୟୂରଭଞ୍ଜ ଜିଲ୍ଲାପାଳ ସମସ୍ୟାର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଆଗାମୀ ରଜପର୍ବ ପୂର୍ବରୁ ସମସ୍ତ ବାସିନ୍ଦାଙ୍କୁ ସେମାନଙ୍କର ବକେୟା ୩ ମାସର ଭତ୍ତା ପ୍ରଦାନ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

## ଶିକ୍ଷାନୁଷ୍ଠାନ ନିକଟରେ ତମାଖୁ ବିକ୍ରୟ ନିଷେଧ

# ମିଳିତ ଚଢ଼ଉ, ୬ଟି ଦୋକାନରୁ ଜରିମାନା ଆଦାୟ

**ରାଇରଙ୍ଗପୁର, ୧।୬(ସମିସ):** ତିରିଂ ଥାନା ଅଞ୍ଚଳରେ ସୋମବାର ଜିଲ୍ଲା ସ୍ୱାସ୍ଥ୍ୟ, ପୁଲିସ ବିଭାଗ, ଡ୍ରଗ ଇନ୍ସପେକ୍ଟର ଓ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ତମାଖୁଜାତ ନିଶାଦ୍ରବ୍ୟ ବିକ୍ରୟ ବିରୋଧରେ ଚଢ଼ଉ ଓ ଯାଞ୍ଚ ଅଭିଯାନ କରାଯାଇଛି। ଏହି ଅଭିଯାନ ସମୟରେ ତିରିଂ ଥାନା ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ ନିକଟସ୍ଥ ଅଞ୍ଚଳ ଓ ବଜାର ପରିସରରେ ଥିବା ପାନ ଦୋକାନ, ଗ୍ରୋସେରୀ ଦୋକାନ ଓ ଅନ୍ୟ ଛୋଟ ବ୍ୟବସାୟିକ ପ୍ରତିଷ୍ଠାନରେ ଅଚାନକ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ବିଭିନ୍ନ ପ୍ରକାର ତମାଖୁଜାତ ନିଶାଦ୍ରବ୍ୟ ବିକ୍ରୟ କରାଯାଉଥିବା ଦେଖାଯାଇଥିଲା। ଶିକ୍ଷାନୁଷ୍ଠାନ ନିକଟରେ ତମାଖୁଜାତ ସାମଗ୍ରୀ ବିକ୍ରୟ ନିଷିଦ୍ଧ ଥିବା ସତ୍ତ୍ୱେ ନିୟମ ଉଲ୍ଲଂଘନ କରି ବିକ୍ରୟ କରାଯାଉଥିବା ଅଭିଯୋଗରେ ୬ଟି ଦୋକାନକୁ ଚିହ୍ନଟ କରାଯାଇ ୭୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା।



ଏଥିସହିତ ସେମାନଙ୍କୁ ଭବିଷ୍ୟତରେ ଏଭଳି ନିୟମ ଉଲ୍ଲଂଘନକାରୀ କାର୍ଯ୍ୟ ନ କରିବା ପାଇଁ ସତର୍କ କରାଯାଇଥିଲା। ଜନସ୍ୱାସ୍ଥ୍ୟ ସୁରକ୍ଷା ଓ ଶିକ୍ଷାନୁଷ୍ଠାନ ପରିସରକୁ ତମାଖୁ ମୁକ୍ତ ରଖିବା ଲକ୍ଷ୍ୟରେ ଆଗାମୀ ଦିନରେ ମଧ୍ୟ ଏଭଳି ମିଳିତ ଚଢ଼ଉ ଓ ଯାଞ୍ଚ ଅଭିଯାନ ଜାରି ରହିବ ବୋଲି ଏହି ମିଳିତ ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଯାଞ୍ଚ ଅଭିଯାନରେ ଡ୍ରଗ ଇନ୍ସପେକ୍ଟର ପ୍ରଦୀପ ସାହୁ, ତିରିଂ ଥାନା ଏଏସଆଇ ସଞ୍ଜୟ ନାୟକ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିହାର ରଞ୍ଜନ ପୃଷ୍ଟି ସାମିଲ ଥିଲେ।

## ଆଗପଛ ହୋଇ ଚାଲିଗଲେ ବାପାମାଆ।

# ବଡ଼ ଭଉଣୀ କାନ୍ଧରେ ସାନଭାଇ ଓ ଭଉଣୀ ବୋଝ

**କୁଆମରା, ୧।୬(ସମିସ):** ଦୁଇବର୍ଷ ତଳେ ଆଗପଛ ହୋଇ ଆରପାରିକୁ ଚାଲିଗଲେ ବାପା ଓ ମାଆ। ଛାଡ଼ି ଦେଇଗଲେ ଚାରି ସନ୍ତାନ। ସେଥିମଧ୍ୟରୁ ବଡ଼ଝିଅର ବିବାହ ସରିଥିବାବେଳେ ଅନ୍ୟ ତିନି ସନ୍ତାନ ବାପାମାଆ ଛେଉଣ୍ଡ ହେବା ସହ ଅନାଥ ପାଲଟି ଗଲେ। ସେମାନଙ୍କ କଥା ବୁଝିବାକୁ କେହି ନାହାଁ। ରୋଜଗାର ପାଇଁ ନା ହୋଇଛି ବୟସ ନା କିଛି ମାଧ୍ୟମ ଅଛି। ସରକାରୀ ସାହାଯ୍ୟ କହିଲେ କେବଳ ୧୫ କେଜି ରାସନ ମିଳେ। ତେବେ ଏମାନଙ୍କ ମଧ୍ୟରୁ ବଡ଼ ଭଉଣୀ କାନ୍ଧରେ ସାନଭାଇ ଓ ଭଉଣୀ ବୋଝ ପଡ଼ିଛି। ଏଭଳି ଚିତ୍ର ଗୋପବନ୍ଧୁନଗର ବ୍ଲକ ଜୟପୁର ପଞ୍ଚାୟତ ନୂଆଗାଁରେ ଦେଖିବାକୁ ମିଳିଛି।



ଦୁଇବର୍ଷ ତଳେ ଶିଶିର ସିଂ ଓ ତାଙ୍କ ସ୍ତ୍ରୀ ଅଜଣା ରୋଗରେ ଆଖି ବୁଜିଲେ। ବଡ଼ ଝିଅର ବିବାହ ସାରି ଦେଇଥିଲେ। ଏବେ ଘରେ ଅଛନ୍ତି ଝିଅ ନାଗିନା (୧୭), ପୁଅ ସିପୁନ (୧୫) ଓ ସାନଝିଅ ବାସନ୍ତୀ (୧୧)। ଅଭାବ ଅନଟନ ଯୋଗୁଁ ନାଗିନା ପଞ୍ଚମ ଶ୍ରେଣୀରେ ଓ ସିପୁନ ସପ୍ତମ ଶ୍ରେଣୀରେ ପାଠପଢ଼ାରେ ଡୋରୀ ବାନ୍ଧିଲେ। ଏକମାତ୍ର ସାନ ଭଉଣୀ ବାସନ୍ତୀ ଷଷ୍ଠ ଶ୍ରେଣୀରେ ଅଧ୍ୟୟନ କରୁଛି। ଅର୍ଥ ଅଭାବରୁ ଏହି ପରିବାର ଅଧାଦିନ ଉପବାସରେ। ଓଳିଏ ଖାଇଲେ ଓଳିଏ ଉପବାସ ରହିବାକୁ ପଡେ ବୋଲି କୋହଭରା କଣ୍ଠରେ କହିଛନ୍ତି ନାଗିନା। ସାନ ଭଉଣୀର ପାଠପଢ଼ା ଓ ପେଟକୁ ଦାନା ପାଇଁ ଶେଷରେ କିଛିଦିନ ହେବ ଖଟିବାକୁ ବାହାରିଛନ୍ତି ନାଗିନା। ତେବେ ବୟସ କମ୍ ଯୋଗୁଁ ସବୁଦିନ କାମ ଧନ୍ଦା ବି ମିଳୁନି। ଅନେକ ସମୟରେ ନେହୁରା ହୋଇ ଏଠି ସେଠି କାମରେ ଯୋଗ ଦେଉଛନ୍ତି। ବିଦ୍ୟୁତ ବିଲ୍ ପୈଠ କରି ନ ପାରିବାରୁ ବିଦ୍ୟୁତ ମଧ୍ୟ କଟିଯାଇଛି। ଫଳରେ ସନ୍ଧ୍ୟା ହେଲେ ଭାଇଭଉଣୀ ତିନି ହେଁ ବିଛଣା ଧରିଥା'ନ୍ତି। ଏହି ପରିସ୍ଥିତିରେ ସରପଞ୍ଚଙ୍କ ଠାରେ ସାହାଯ୍ୟ ଓ ସହଯୋଗ ପାଇଁ ନାଗିନା ବହୁଦିନ ତଳେ ନିବେଦନ କରିଥିଲେ ମଧ୍ୟ ଏ ଦିଗରେ କେହି ତାଙ୍କ କଥା ଶୁଣି ନ ଥିବା କହିଛନ୍ତି। ତେବେ ମୁଣ୍ଡ ଗୁଞ୍ଜିବା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳିଥିବାବେଳେ ଉକ୍ତ ପରିବାର ପାଇଁ ଅନ୍ତ୍ୟୋଦୟ ଯୋଜନାରେ ରାସନ ଯୋଗାଇ ଦେବାକୁ ଦାବି କରିଛନ୍ତି ଗ୍ରାମବାସୀ। ଏ ନେଇ ସରପଞ୍ଚ ମମତା ସିଂଙ୍କୁ ପଚାରିବାରୁ ସେ ଏ ଦିଗରେ ତଦନ୍ତ କରିବା ସହ ଦୃଷ୍ଟି ଦେବେ ବୋଲି କହିଛନ୍ତି।

# ରାଇସ୍ ମିଲ କର୍ମଚାରୀଙ୍କ ଆତ୍ମହତ୍ୟା

**ବେତନଟୀ, ୧।୬(ସମିସ):** ଆମ୍ବଯୋଡ଼ାସ୍ଥ ରାଇସ୍ ମିଲରେ ଜଣେ କର୍ମଚାରୀ ବେକରେ ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି। ମୃତକ ପଶ୍ଚିମବଙ୍ଗର ସାଉଥ୍ ୨୪ ପ୍ରଗଣା ଜିଲ୍ଲା ଢୋଲା ଥାନା ଅଧୀନ ଦିଗମ୍ବରପୁର ଗ୍ରାମର ବବଲୁ ଦାସଙ୍କ ପୁତ୍ର ରାଜୀବ ଦାସ (୩୧)। ସେ ତାଙ୍କ ସ୍ତ୍ରୀ ରୂପାଲୀ ଦାସଙ୍କ ସହ ଉକ୍ତ ରାଇସ୍ ମିଲରେ ରହି କର୍ମଚାରୀ ଭାବେ କାମ କରୁଥିଲେ। ଶନିବାର ରାତିରେ ଖାଇପିଇ ଶୋଇବା ପରେ ରାଜୀବ ଘର ଭିତରେ ପ୍ଲାଷ୍ଟିକ୍ ରଶିରେ ଫାଶୀ ଦେଇଥିଲେ। ସ୍ତ୍ରୀ ରୂପାଲୀଙ୍କ ଚିତ୍କାର ଶୁଣି ଅନ୍ୟ କର୍ମଚାରୀ ଉଦ୍ଧାର କରି ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ସ୍ତ୍ରୀ ରୂପାଲୀଙ୍କ ଅଭିଯୋଗ ଆଧାରରେ ବେତନଟୀ ଥାନା ଏସ୍ଆଇ ମଦନମୋହନ ପରିଡ଼ା ଅପମୃତ୍ୟୁ ମାମଲା ନମ୍ବର ୨୪ ରୁଜୁ କରିଛନ୍ତି। ପୁଲିସ୍ ଶବ ବ୍ୟବଚ୍ଛେଦ କରାଇବା ସହ ଆତ୍ମହତ୍ୟାରେ ବ୍ୟବହୃତ ପ୍ଲାଷ୍ଟିକ୍ ରଶିକୁ ଜବତ କରି ତଦନ୍ତ ଜାରି ରଖିଛି। ପରିବାର ଲୋକ ଓ ସ୍ତ୍ରୀ ସହିତ ପାରିବାରିକ କଳହ କାରଣରୁ ଏହି ଆତ୍ମହତ୍ୟା ହୋଇଥିବା ସନ୍ଦେହ କରାଯାଉଛି। ପୁଲିସ୍ ଅଧିକ ତଥ୍ୟ ସଂଗ୍ରହ କରୁଛି ଓ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସବୁ ଘଟଣା ସାମ୍ନାକୁ ଆସିବ ବୋଲି କହିଛନ୍ତି।

# ରାଜ୍ୟସ୍ତରୀୟ ନିଶାମୁକ୍ତ ଅଭିଯାନରେ ବେତନଟୀ କଲେଜ ପୁରସ୍କୃତ



**ବେତନଟୀ, ୧।୬(ସମିସ):** ବେତନଟୀ ଡିଗ୍ରୀ କଲେଜ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ନିଶାମୁକ୍ତ ଅଭିଯାନ ସ୍ୱଳ୍ପଦୈର୍ଘ୍ୟ ଚଳଚ୍ଚିତ୍ର ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ପ୍ରତିଷ୍ଠିତ ଚାନ୍ସେଲର୍ସ କପ୍ ଜିତି କଲେଜ ପାଇଁ ଗୌରବ ଆଣିଛନ୍ତି। ଏହି ପ୍ରତିଯୋଗିତା ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବ ଭୁବନେଶ୍ୱରସ୍ଥ ଲୋକଭବନର ନୂତନ ଅଭିଷେକ ହଲ୍‌ରେ ଆୟୋଜିତ ହୋଇଥିଲା। ଏହି ଗୌରବମୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ରାଜ୍ୟପାଳ ହରିବାବୁ କମ୍ଭମପତି, ଉପମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନେ ଉପସ୍ଥିତ ଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ସ୍ୱାଇଁ ଓ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ଥିଲେ। ରାଜ୍ୟପାଳଙ୍କ ସୁପାରିଶକ୍ରମେ ରାଜ୍ୟର ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରୁ ୧୦ଟି ଦଳକୁ ଚୂଡ଼ାନ୍ତ ପର୍ଯ୍ୟାୟ ପାଇଁ ଚୟନ କରାଯାଇଥିଲା। ସେଥିରୁ ବେତନଟୀ ଡିଗ୍ରୀ କଲେଜ ଦଳ ପ୍ରଥମ ସ୍ଥାନ ଅଧିକାର କରି ଚାନ୍ସେଲର୍ସ କପ୍ ସହ ୧ ଲକ୍ଷ ଟଙ୍କାର ନଗଦ ପୁରସ୍କାର ଲାଭ କରିଥିଲେ। ବିଜୟୀ ଦଳରେ ଗାୟତ୍ରୀ ବେହେରା (ଟିମ୍ ଲିଡର), କରିସ୍ମା ବାସ୍କେ, ମାନିନୀ କିସ୍କୁ, ଲିପ୍ସିତା ରାଉତ ଅନ୍ତର୍ଭୁକ୍ତ ଥିଲେ। ଛାତ୍ରଛାତ୍ରୀଙ୍କ ସହ କଲେଜର ରସାୟନ ବିଭାଗ ଅଧ୍ୟାପକ ରାହୁଲ କୁମାର ପ୍ରଧାନ ଏସ୍କର୍ଟ ଅଫିସର ଭାବେ ଯୋଗଦେଇଥିଲେ। ଏହି ସଫଳତା ବେତନଟୀ ଡିଗ୍ରୀ କଲେଜ ଓ ସମଗ୍ର ମୟୂରଭଞ୍ଜ ଜିଲ୍ଲା ପାଇଁ ଗୌରବର ବିଷୟ ହୋଇଛି। କଲେଜର ଅଧ୍ୟକ୍ଷ, ଅଧ୍ୟାପକ, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଅଞ୍ଚଳବାସୀ ବିଜୟୀ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ପୁରସ୍କାର ବିତରଣ ଅନୁସାରେ ଦ୍ୱିତୀୟ ସ୍ଥାନ ପାଇଥିବା ଦଳକୁ ୭୫ ହଜାର ଟଙ୍କା, ତୃତୀୟ ସ୍ଥାନ ପାଇଥିବା ଦଳକୁ ୫୦ ହଜାର ଟଙ୍କା ଓ ଅନ୍ୟ ଫାଇନାଲିଷ୍ଟ ଦଳଙ୍କୁ ୧୦ ହଜାର ଟଙ୍କା ସାନ୍ତ୍ୱନା ପୁରସ୍କାର ଭାବେ ପ୍ରଦାନ କରାଯାଇଥିଲା।

# ଚୁଆରେ ବୁଡ଼ି ବୃଦ୍ଧ ମୃତ

**ଠାକୁରମୁଣ୍ଡା, ୧।୬(ସମିସ):** ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ହାତୀଗଡ଼ା ପଞ୍ଚାୟତର କାଳିଜିଆଣି ଛକ ନିକଟରେ ସୋମବାର ଦିନ ଏକ ଚୁଆରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି କାଳିଆଜିଆଣି ଗ୍ରାମର ଗୁନା ସାମାଡ (୬୧ ବର୍ଷ) ବୋଲି ଜଣାପଡ଼ିଛି। ଗୁନା ସାମାଙ୍କ ପରିବାର ଧାନଚାଷ କରିଥିଲେ। ତାକୁ ଜଗିବା ପାଇଁ ସେ ପ୍ରତିଦିନ ଧାନ ବିଲକୁ ଆସୁଥିଲେ। ସୋମବାର ସେ ସବୁଦିନ ଭଳି ଧାନ ଜଗିବା ପାଇଁ ଆସିଥିବାବେଳେ କୌଣସି କାରଣ ପାଇଁ ସେ ବିଲ ପାଖରେ ଥିବା ଚୁଆକୁ ଯାଇଥିବାବେଳେ ଖସି ପଡ଼ି ପାଣିରେ ବୁଡି ଯାଇଥିଲେ। ସେଠାରେ ଥିବା ଜଣେ ବ୍ୟକ୍ତି ତାଙ୍କୁ ପାଣି ଭିତରେ ବୁଡ଼ିଯାଇଥିବା ଜାଣି ତାଙ୍କ ଘର ଲୋକଙ୍କୁ ଖବର ଦେଇଥିଲେ। ଏ ନେଇ ଠାକୁରମୁଣ୍ଡା ଅଗ୍ନିଶମ ବିଭାଗ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ସନ୍ଧ୍ୟା ପ୍ରାୟ ୫ ଟା ସମୟରେ ଚୁଆରୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଠାକୁରମୁଣ୍ଡା ଥାନା ପୁଲିସ ଶବକୁ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

# ଆଜି ଜିଲ୍ଲା କିଷାନ କଂଗ୍ରେସ ପକ୍ଷରୁ ବାରିପଦା-ଉଦଳା ରାସ୍ତା ଅବରୋଧ



**ବାରିପଦା, ୧।୬(ସମିସ):** ଜିଲ୍ଲା କିଷାନ କଂଗ୍ରେସ ପକ୍ଷରୁ ମଙ୍ଗଳବାର ବାରିପଦା-ଉଦଳା ୧୯ ନମ୍ବର ରାଜ୍ୟ ରାଜପଥରରେ ୧୨ଘଣ୍ଟିଆ ରାସ୍ତାରୋକ ଡକରା ଦିଆଯାଇଛି। ଏହି ରାସ୍ତା ଅତି ଶୋଚନୀୟ ହୋଇପଡ଼ିଥିବାରୁ ତୁରନ୍ତ ମରାମତି ଦାବିରେ ମୟୂରଭଞ୍ଜ (ପୂର୍ବ) ଜିଲ୍ଲା କିଷାନ କଂଗ୍ରେସ ବାରମ୍ବାର ଦାବି ପରେ ପ୍ରଶାସନ କର୍ଣ୍ଣପାତ ନ କରିବାରୁ ମଙ୍ଗଳବାର ବାରିପଦା- ଉଦଳା ରାସ୍ତାର ପୋଡ଼ା ଅସ୍ତିଆ, ସାନକେରକୋ, ବାଲିଯୋଡ଼ା, ଖୁଣ୍ଟା, ତୁକୁରା ଓ ଉଦଳା ଆଦି ୬ଟି ସ୍ଥାନରେ ୨୪ ଘଣ୍ଟିଆ ହରତାଳ କରାଯିବ। ଏ ନେଇ ମୟୂରଭଞ୍ଜ (ପୂର୍ବ) ଜିଲ୍ଲା କିଷାନ କଂଗ୍ରେସ ସଭାପତି ଦୀପକ ଦାଶ ହୋଟେଲ ଦିବ୍ୟା ପ୍ୟାଲେସରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ହରତାଳ ବେଳେ ଜରୁରୀ ସେବା ଯୋଗାଉଥିବା ଯାନକୁ ଛାଡିଦେଲେ ଅନ୍ୟ ସମସ୍ତ ଯାନ ଯାତାୟାତ ନ କରିବା ପାଇଁ ନିବେଦନ କରାଯାଇଛି।

ବାରିପଦା-ଉଦଳା ରାସ୍ତାଟି ଦୀର୍ଘଦିନ ହେବ ମରଣଯନ୍ତା ପାଲଟିଛି। ଏହି ରାସ୍ତାରେ ବଡ଼ ବଡ଼ ଖାଲ ହେତୁ ଦିନକୁ ଦିନ ଦୁର୍ଘଟଣା ବଢ଼ିବା ସହ ଅନେକ ଧନଜୀବନ ହାନି ହେଉଛି। ଏହି ବିପଜ୍ଜନକ ରାସ୍ତାରେ ଯାତାୟାତ କରିବା ପାଇଁ ସାଧାରଣ ଲୋକେ ଭୟ ପ୍ରକାଶ କରୁଛନ୍ତି। ଏ ସମ୍ପର୍କରେ ଗତମାସ ୧୧ ତାରିଖରେ ଜିଲ୍ଲା ପ୍ରଶାସନକୁ ଲିଖିତ ଭାବେ ଜଣାଯାଇଥିଲା। ୧୫ ଦିନ ମଧ୍ୟରେ ତୁରନ୍ତ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ମଧ୍ୟ ମିଳିଥିଲା। କିନ୍ତୁ ଦୀର୍ଘଦିନ ବିତିଯାଇଥିଲେ ହେଁ ସମ୍ପୃକ୍ତ କର୍ତ୍ତୃପକ୍ଷ ରାସ୍ତା ମରାମତି ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇବା ସହିତ ପୁନର୍ବାର ୨୬ ତାରିଖରେ ଜିଲ୍ଲାପାଳଙ୍କୁ ଅନ୍ୟ ଏକ ଅଭିଯୋଗପତ୍ର ପ୍ରଦାନ ପୂର୍ବକ ହରତାଳ ସମ୍ବନ୍ଧରେ ଚେତାବନୀ ଦିଆଯାଇଥିଲା। ସମାଧାନ ନ ହେବାରୁ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଅଶୋକ ଅଧିକାରୀ, ଶାନ୍ତନୁ ପାଲ, କିଷାନ କଂଗ୍ରେସ ଉପସଭାପତି ରତନ ଶର୍ମା, ମହିଳା ରାଜ୍ୟ ସମ୍ପାଦିକା ଶୁଭସ୍ମିତା ଦାସ ଓ ନିର୍ମଳ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବାଲି ବୋଝେଇ ଟ୍ରାକ୍ଟର ଜବତ

**ରାଇରଙ୍ଗପୁର, ୧।୬(ସମିସ):** ବେଆଇନ ଭାବେ ବାଲି ଚୋରାଚାଲାଣ ବେଳେ ବହଳଦା ଥାନା ଅଞ୍ଚଳରୁ ପୁଲିସ ଦ୍ୱାରା ବାଲି ବୋଝେଇ ଟ୍ରାକ୍ଟର ଜବତ ହୋଇଛି। ଅନେକ ପରିମାଣର ଲଘୁ ଖଣିଜ ଚୋରାଚାଲାଣ ହେଉଥିବା ବାରମ୍ବାର ଅଭିଯୋଗ ହେଉଛି। ପୁଲିସ ପକ୍ଷରୁ ପାଟ୍ରୋଲିଂ ଜାରି ଥିବାବେଳେ ବଡ଼ଦୁନ୍ଦୁ ନିକଟସ୍ଥ ନଦୀରୁ ବାଲି ବେଆଇନ ଚାଲାଣ ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ବହଳଦା ପଟକୁ ଯାଉଥିବାବେଳେ ବଡ଼ଦୁନ୍ଦୁ ଛକରେ ଚଢ଼ଉ କରି ଟ୍ରାକ୍ଟର ଜବତ କରାଯାଇଛି। ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ କରିଥିବା ନେଇ ଜଣାପଡ଼ିଥିଲା। ଟ୍ରାକ୍ଟର ଅଟକାଇ ପଚରାଉଚରା କରାଯାଇଥିଲା ଓ ବାଲି ଚୋରା ଚାଲାଣ ହେଉଥିବା ନେଇ ଜଣାପଡ଼ିବା ପରେ ଗାଡ଼ିକୁ ଜବତ କରାଯାଇଛି। ଏ ନେଇ ବହଳଦା ଥାନାରେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ମା'କିଚକେଶ୍ୱରୀଙ୍କ ପୀଠରୁ ହଟିଲା କଟକଣା

# ମନ୍ଦିର ପ୍ରବେଶ ସମୟରେ ମୋବାଇଲ ନେବାକୁ ମିଳିଲା ଅନୁମତି

**ଖିଚିଂ, ୧।୬(ସମିସ):** ମୟୂରଭଞ୍ଜ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' କିଚକେଶ୍ୱରୀଙ୍କ ବିଶ୍ୱ ପ୍ରସିଦ୍ଧ ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଲାଗୁ ହୋଇଥିବା ମୋବାଇଲ ଫୋନ୍ କଟକଣାକୁ ଆଜିଠାରୁ କୋହଳ କରାଯାଇଛି। ମୟୂରଭଞ୍ଜ ଜିଲ୍ଲାର ଐତିହାସିକ ତଥା ପ୍ରସିଦ୍ଧ ଶକ୍ତିପୀଠ ଖିଚିଂସ୍ଥ ମା' କିଚକେଶ୍ୱରୀ ମନ୍ଦିରକୁ ପ୍ରତିଦିନ ହଜାର ହଜାର ଭକ୍ତ ଓ ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ। ୨୦୨୫ ଜୁନ୍ ୧ ତାରିଖରୁ ମନ୍ଦିର ପ୍ରଶାସନ ପକ୍ଷରୁ ମନ୍ଦିର ପରିସରକୁ ମୋବାଇଲ ଫୋନ୍ ଓ କ୍ୟାମେରା ନେବା ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରାଯାଇଥିଲା। ଏହି ନିଷ୍ପତ୍ତି ପରେ ଅନେକ ଶ୍ରଦ୍ଧାଳୁ ଅସନ୍ତୋଷ ପ୍ରକାଶ କରିଥିବାବେଳେ ମନ୍ଦିରରେ ଅନୁଷ୍ଠିତ ହେଉଥିବା ବିବାହ ଉତ୍ସବ ଓ ଚଣ୍ଡୀପାଠ ଭଳି ଧାର୍ମିକ କାର୍ଯ୍ୟକ୍ରମର ସଂଖ୍ୟା ମଧ୍ୟ କମିଯାଇଥିଲା। ଶ୍ରଦ୍ଧାଳୁଙ୍କ ଅସୁବିଧା ଓ ଜନମତକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ଏହି କଟକଣାକୁ କୋହଳ କରିବା ଫଳରେ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ଯଥେଷ୍ଟ ବୃଦ୍ଧି ପାଇବ ବୋଲି ବିଶିଷ୍ଟ ସମାଜସେବୀ ମନ୍ମଥ କୁମାର ନାଏକ ପ୍ରକାଶ କରିଛନ୍ତି। ତେବେ ଭକ୍ତ ଓ ଶ୍ରଦ୍ଧାଳୁମାନେ ମନ୍ଦିର ଭିତରକୁ ମୋବାଇଲ ଫୋନ୍ ନେଇ ପ୍ରବେଶ କରିବାର ସୁଯୋଗ ଲାଭ କଲେ ସୁଦ୍ଧା ପୂର୍ବ ଭଳି ମା' କିଚକେଶ୍ୱରୀଙ୍କ ଫଟୋ ଭିଡିଓ, ମୋବାଇଲ ଫୋନ୍ ଅଥବା କ୍ୟାମେରାରେ ଉତ୍ତୋଳନ କରିବା ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ବଳବତ୍ତର ରହିଛି।

## ବଡ଼ସାହି ପଞ୍ଚାୟତ ସମିତିରେ ଅନୁଦାନ ଅପବ୍ୟବହାର ଅଭିଯୋଗ

# ବିଡିଓଙ୍କ ବିରୋଧରେ ଜିଲ୍ଲାପାଳଙ୍କୁ ଫେରାଦ ହେଲେ ଉପାଧ୍ୟକ୍ଷ

**ବାରିପଦା/ବଡ଼ସାହି, ୧।୬(ସମିସ)**

ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ପଞ୍ଚାୟତ ସମିତିରେ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା ଅନ୍ତର୍ଗତ ସରକାରୀ ଅନୁଦାନ ଅପବ୍ୟବହାର ହେଉଥିବା ଅଭିଯୋଗ ଆଣି ପଞ୍ଚାୟତ ସମିତି ଉପାଧ୍ୟକ୍ଷ କାଞ୍ଚନ କୁମାର ପ୍ରଧାନ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଉପାଧ୍ୟକ୍ଷ ଦର୍ଶାଇଛନ୍ତି ଯେ, ବଡ଼ସାହି ବିଡିଓ ବନଜା ଦାସ ବିଧାୟକ ସନାତନ ବିଜୁଳିଙ୍କ ପ୍ରଭାବରେ କାର୍ଯ୍ୟ କରୁଛନ୍ତି। ଗ୍ରାମ ସଭାର ଅନୁମୋଦନ ବିନା ଅନୁଦାନ ଅପବ୍ୟବହାର କରୁଛନ୍ତି। ସରକାରୀ ନିର୍ଦ୍ଦେଶ ଅନୁଯାୟୀ ପ୍ରକଳ୍ପ ପ୍ରସ୍ତୁତି ପାଇଁ ଗ୍ରାମ ସଭା ଓ ପିଆରଆଇ ସଦସ୍ୟଙ୍କ ମତାମତ ନେବା ଆବଶ୍ୟକ ଥିବା ସତ୍ତ୍ୱେ ବିଡିଓ ଏହାକୁ ଉପେକ୍ଷା କରୁଛନ୍ତି ବୋଲି ଅଭିଯୋଗ କରାଯାଇଛି।

ଶ୍ରୀ ପ୍ରଧାନ ଦର୍ଶାଇଛନ୍ତି ଯେ, ବିଡିଓ ବିଧାୟକଙ୍କ ମୌଖିକ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରୁଛନ୍ତି ଓ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଅଣଦେଖା କରୁଛନ୍ତି। ବ୍ଲକର



ସ୍ୱେଶାଲ, ଗ୍ରାଣ୍ଟିନେଣ୍ଟ, ୫ମ ଏସଏଫସି, ସିଏଫସି, ବିକଶିତ ଗାଁ ବିକଶିତ ଭାରତ କାମ ଆଦିରେ ନିର୍ବାଚିତ ପ୍ରତିନିଧିଙ୍କଠାରୁ ମଧ୍ୟ ଟଙ୍କା ମଗାଯାଉଛି। ଟଙ୍କା ନ ମିଳିଲେ ସେମାନେ ଦେଇଥିବା ପ୍ରସ୍ତାବର କାମ ଗାଁର ଠିକାଦାରଙ୍କୁ ବିକ୍ରି କରାଯାଉଛି। ଏପରିକି ବ୍ଲକର କଣ୍ଟିଜେନ୍ସି ଟଙ୍କାରେ ମଧ୍ୟ ହାତ ମାରି କାମ କରାଯାଇ ବ୍ୟାପକ ଅନିୟମିତତା ହୋଇଛି। ବିକଶିତ ଗାଁ ବିକଶିତ ଓଡ଼ିଶା ଟଙ୍କା ଗାଁରେ କାମ ନ କରି ମନ୍ଦ ଉଦ୍ଦେଶ୍ୟ ରଖି ବ୍ଲକ ପରିସରରେ କଂକ୍ରିଟ ରାସ୍ତା ତିଆରି ହେଉଛି। ଏହି ଯୋଜନାରେ ବଡସାହି ପଞ୍ଚାୟତ ଲାଇବ୍ରେରୀ ଗୃହ କାମ କରିବା ଉଦ୍ଦେଶ୍ୟରେ ଆସିଥିବା ଅର୍ଥ ବ୍ଲକ ପରିସରରେ ଖର୍ଚ୍ଚ କରାଯିବା ଆଦି ବ୍ଲକ ପ୍ରଶାସନର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରଶାସନ ବର୍ତ୍ତମାନ ନେତାଙ୍କ ସଖି କଣ୍ଢେଇ ସାଜିଛି। ଯଦି ସମସ୍ୟାର ସମାଧାନ ୭ ଦିନ ମଧ୍ୟରେ ନ ହୁଏ, ତେବେ ପିଆରଆଇ ସଦସ୍ୟ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚିଠିରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ସେ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି ଯେ, ବିଡିଓଙ୍କୁ ଉପଯୁକ୍ତ ନିର୍ଦ୍ଦେଶ ଦେଇ ପିଆରଆଇ ସଦସ୍ୟଙ୍କ ମତକୁ ଗୁରୁତ୍ୱ ଦିଆଯାଉ। ଅଭିଯୋଗର ଏକକିତା ନକଲ ଜିଲ୍ଲା ଉନ୍ନୟନ ଅଧିକାରୀ ଓ ବଡ଼ସାହି ବିଡିଓଙ୍କୁ ପଠାଯାଇଛି।

### 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରେ ପିଆର୍ଆଇ ମେମ୍ବରଙ୍କୁ ଅଣଦେଖା

ଏ ନେଇ ବିଡିଓଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଏହି ଘଟଣା ଜିଲ୍ଲାରେ ରାଜନୈତିକ ଚର୍ଚ୍ଚାର ବିଷୟ ହୋଇଛି। ଗ୍ରାମ ସ୍ତରରେ ଯୋଜନା କାର୍ଯ୍ୟାନ୍ୱୟନରେ ସ୍ଥାନୀୟ ପ୍ରତିନିଧିଙ୍କ ଭୂମିକାକୁ ଉପେକ୍ଷା କରାଯାଉଥିବା ଅଭିଯୋଗ ବାରମ୍ବାର ଉଠୁଛି। ଜିଲ୍ଲା ପ୍ରଶାସନ ଏ ବିଷୟରେ କେଉଁ ପଦକ୍ଷେପ ନେଉଛି, ସେ ନେଇ ଜନସାଧାରଣ ଅପେକ୍ଷା କରିଛନ୍ତି।

## ବୈତରଣୀରେ ନିଖୋଜ କର୍ମଚାରୀ ଉଦ୍ଧାର



ଆନନ୍ଦପୁର,୧।୬(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ଅନ୍ତର୍ଗତ ମନୋହରପୁର ନିକଟ ବୈତରଣୀ ନଦୀର 'ସୁନାମୁନି ନଦୀଘାଟରେ ବୁଡ଼ି ନିଖୋଜ ହୋଇଥିବା ଫାଇନାନ୍ସ କର୍ମଚାରୀଙ୍କୁ ଆଜି ଅଗ୍ନିଶମ ବିଭାଗ କର୍ମଚାରୀ ଉଦ୍ଧାର କରିଛନ୍ତି । ନନ୍ଦିପଦା ଥାନା ଅନ୍ତର୍ଗତ ଜଳସରପୁର ଗାଁ'ର ପ୍ରଫୁଲ ଜେନାଙ୍କ ପୁଅ ଓମ୍‌ପ୍ରକାଶ ଜେନା ସ୍ୱତନ୍ତ୍ର ଫାଇନାସ୍ ଢେଙ୍କିକୋଟରେ କାର୍ଯ୍ୟ କରନ୍ତି । ଗତ ରବିବାରରେ କିଛି ସାଙ୍ଗସାଥୀଙ୍କ ସହ ସୁନାମୁନି ଜଙ୍ଗଲକୁ ଭୋଜି କରିବାକୁ ଯାଇଥିଲେ । ସେଠି ବୈତରଣୀ ନଦୀରେ ଗାଧୋଇବା ସମୟରେ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଥିଲା । ଖବର ପାଇ ଠାକୁରମୁଣ୍ଡା ଅଗ୍ନିଶମ ବାହିନୀ ଦୀର୍ଘ ସମୟ ପର୍ଯ୍ୟନ୍ତ ଖୋଜା ଖୋଜି ପରେ ବି ନିଖୋଜ ଓମ୍‌ପ୍ରକାଶଙ୍କ ପତ୍ତା ପାଇନଥିଲେ । ତେବେ ଆଜି ଏହି ଘାଟରୁ ତାଙ୍କ ମୃତଦେହ ଠାବ ହେବା ପରେ ପୁଲିସ ଆନନ୍ଦପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି ।

## କଂଗ୍ରେସରେ ବରିଷ୍ଠ କର୍ମୀଙ୍କୁ ଅଣଦେଖା; ବଢୁଛି ଅସନ୍ତୋଷ

ହାଟଡ଼ିହୀ,୧।୬(ସମିସ): ରାଜନୀତିର ପ୍ରଥମ ପୃଷ୍ଠା କହିଲେ କଂଗ୍ରେସ ଦଳକୁ ବୁଝାଏ । ଆଜିକାଲି ଅନେକ ଦଳ ଗଢ଼ି ଉଠିଥିଲେ ସୁଦ୍ଧା ପୁରୁଖା କଂଗ୍ରେସ ପ୍ରେମୀମାନେ ଆଜି ବି ଦଳକୁ ଜାବୁଡ଼ି ଧରି କଂଗ୍ରେସ ସରକାରର ଶାସନକୁ ଅପେକ୍ଷା କରି ବସିଛନ୍ତି । ଇତିହାସ ସାକ୍ଷୀ ଅଛି ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ପୂର୍ବରୁ କଂଗ୍ରେସ ଗଡ଼ ଭାବେ ପରିଚୟ ପାଇଥିଲା । କାଳକ୍ରମେ କଂଗ୍ରେସ କର୍ମୀମାନେ ଅବହେଳିତ ହେବାରୁ ଅସନ୍ତୁଷ୍ଟ ହୋଇ ଅନ୍ୟଦଳରେ ସାମିଲ ହେଲେ । ପରେ ଆନନ୍ଦପୁର ନିର୍ବାଚନ ମାଟି ବିଜେଡି ଗଡ଼ ଭାବେ ପରିଚୟ ସୃଷ୍ଟି କଲା । ଦୁଇ ଦଶନ୍ଧି ପରେ ମଧ ଏବେ ସୁଦ୍ଧା ଆନନ୍ଦପୁର ମାଟିରେ ବିଜେଡି ଶାସନ କରିଚାଲିଛି । କିନ୍ତୁ, ପ୍ରତିଦିନ ଶାସକ ଦଳର ସଦସ୍ୟତା ବୃଦ୍ଧି ଯୋଗୁଁ ଆସନ୍ତା ଦିନରେ ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ବିଜେପି ହାତକୁ ଚାଲିଯିବା ନେଇ ଆଶଙ୍କା ଦେଖାଦେଇଛି । ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ କନିଷ୍ଠ ପୁତ୍ର ତଥା ଜିଲ୍ଲା କଂଗ୍ରେସ ସଭାପତି ମନୋଜ ଜେନାଙ୍କ ନେତୃତ୍ୱରେ ଯୁବପିଢ଼ି କଂଗ୍ରେସକୁ ଆଗକୁ ନେବାପାଇଁ ଚାହିଁ ବସିଥିବାବେଳେ ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ଅନେକ ବରିଷ୍ଠ କର୍ମୀଙ୍କୁ ଅବହେଳା କରାଯାଉଥିବା ଅଭିଯୋଗ ଉଠୁଛି । କୌଣସି କାରଣରୁ କଂଗ୍ରେସ ପ୍ରତି ସେମାନଙ୍କର ଆଗ୍ରହ କମିଯାଉଥିବା ଦେଖାଯାଇଛି । ଏଥିପ୍ରତି ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ନିରଞ୍ଜନ ପଟ୍ଟନାୟକ ଏବଂ ଜିଲ୍ଲା ସଭାପତି ମନୋଜ ଜେନା ଆଶାଠୁ ଅଧିକ ଗୁରୁତ୍ୱ ଦେବା ଲାଗି କଂଗ୍ରେସର ବରିଷ୍ଠ କର୍ମୀମାନେ ଦାବି କରିଛନ୍ତି ।

## ଏସ୍‌ଆଇଆର୍ କାର୍ଯ୍ୟ ତଦାରଖ କଲେ ଚମ୍ପୁଆ ଉପଜିଲ୍ଲାପାଳ



ଚମ୍ପୁଆ,୧।୬(ସମିସ): ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ପରିଗଣନା ଫର୍ମ ବିତରଣ ଏବଂ ସଂଗ୍ରହ କାର୍ଯ୍ୟକ୍ରମ ଚାଲୁ ରହିଥିବାବେଳେ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ପ୍ରଶାସନିକ ପ୍ରକ୍ରିୟା ନୁହେଁ, ଏହା ଆମ ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ଏକ ବଳିଷ୍ଠ ମାଧ୍ୟମ ବୋଲି କହିଛନ୍ତି ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା । ଗୋଧୂଳି, ମୁସଲିମ ବସ୍ତି ଏବଂ ଜାମୁଦଲକର ବିଭିନ୍ନ ବୁଥ୍‌କୁ ଯାଇ ଏସ୍‌ଆଇଆର୍ କାର୍ଯ୍ୟକ୍ରମର ଅଗ୍ରଗତି ଓ ଫର୍ମ ବଣ୍ଟନ କରିଥିଲେ ଉପଜିଲ୍ଲାପାଳ ଶ୍ରୀ ପରିଡ଼ା । ଏହି ପ୍ରକ୍ରିୟାକୁ ସ୍ୱଚ୍ଛ, ସେବାମୂଳକ ଓ ତ୍ରୁଟିଶୂନ୍ୟ କରିବା ପାଇଁ ଉପଜିଲ୍ଲାପାଳ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ । ବିଏଲଓମାନେ ଘରକୁ ଘର ଯାଇ ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ମୃତ କିମ୍ବା ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦଦେ ଏବଂ ତ୍ରୁଟିଶୂନ୍ୟ କାର୍ଡର ସଂଶୋଧନ ଭଳି ବିଭିନ୍ନ ବୈଷୟିକ ଦିଗ ଉପରେ ଭୋଟରମାନଙ୍କୁ ସଚେତନ କରାଇଥିଲେ । ଏଥିସହ ଘରକୁ ଘର ଯାଇ ଭୋଟରମାନଙ୍କୁ ପରିଗଣନା ଫର୍ମ ବିତରଣ ଏବଂ ଫର୍ମ ପୂରଣ ପ୍ରକ୍ରିୟା ସମ୍ପର୍କରେ ବୁଝାଇଥିଲେ । ଏହା ବ୍ୟତୀତ ଭୋଟରମାନେ ନିର୍ବାଚନ ଆୟୋଗଙ୍କ ୱେବ୍‌ସାଇଟରୁ ଫର୍ମ ଡାଉନଲୋଡ୍ କରି ଏହାକୁ ପୂରଣ କରିବା ପରେ ଅନ୍‌ଲାଇନ୍‌ରେ ମଧ ଅପଲୋଡ୍ କରିପାରିବେ ବୋଲି ଉପଜିଲ୍ଲାପାଳ କହିଥିଲେ । ଏହି ଫର୍ମ ବଣ୍ଟନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏଇଆରଓ, ବିଭାଗୀୟ ଅଧିକାରୀ, ବିଏଲ୍‌ଓ, ବିଏଲଓ ସୁପରଭାଇଜର ପ୍ରମୁଖ ଉପସ୍ଥିତ ଥିଲେ ।

### ବଡ଼ବିଲ୍ ବ୍ୟାଙ୍କ ଡକାୟତି ଘଟଣାରେ ଆଉ ୨ ଗିରଫ

# ଲୁଟ୍ ଅର୍ଥରେ ପାଟନାରେ ପ୍ଲଟ୍ କିଣିଛି ରୌସନ

ବଡ଼ବିଲ,ଯୋଡ଼ା୧।୬(ସମିସ)



କେନ୍ଦୁଝର ଜିଲ୍ଲା ବଡ଼ବିଲ ସହରରେ ଥିବା ବ୍ୟାଙ୍କ୍ ଅଫ ମହାରାଷ୍ଟ୍ରରୁ ଗତ ଜାନୁଆରୀ ମାସ ୧୯ ତାରିଖରେ ହୋଇଥିବା ଡକାୟତି ଘଟଣାରେ ସ୍ଥାନୀୟ ପୁଲିସ ଦ୍ୱାରା ଆଉ ୩ ଜଣଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି । ପୂର୍ବରୁ ଏହି ଘଟଣାରେ ୮ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଆଜି ଗିରଫ ସଂଖ୍ୟା ୧୦ରେ ପହଞ୍ଚିଛି । ସୂଚନା ମୁତାବକ ବିହାର ରାଜ୍ୟ ଅରବଲ ଜିଲ୍ଲା, ମେହେଣ୍ଡିଆ ଥାନା ଅଞ୍ଚଳର ରୌସନ କୁମାର ଲାଲ୍ଟୁ(୩୪)କୁ ପୂର୍ବରୁ ଗିରଫ କରି ରିମାଣ୍ଡରେ ଅଣାଯାଇ ତା'ର ସୂଚନା ଆଧାରରେ ବିହାରର ସୁନାରୀ ଜିତେନ୍ଦ୍ର କୁଆର ଓ ଅଖିଲେଶ କୁମାରଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୨୩୬ ଗ୍ରାମ ସୁନା, ୪କେଜି ରୁପା ଓ ଲୁଟ୍ ଟଙ୍କାରେ କିଣାଯାଇଥିବା ଏକ କାର୍‌କୁ ଜବତ କରାଯାଇଥିଲା । ଲାଲ୍ଟୁ ଲୁଟ୍ ଟଙ୍କାରୁ ୪୭ ଲକ୍ଷ ଦେଇ ବିହାର ପାଟନାରେ ଗୋଟିଏ ପ୍ଲଟ୍ କିଣିଛି । ସେହି ପ୍ଲଟ୍‌କୁ ଅକ୍ତିଆରକୁ ଆଣିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି । ତେବେ ପୂର୍ବରୁ ଗିରଫ ଅଭିଯୁକ୍ତଙ୍କ ଠାରୁ ଗୋଟିଏ ସୁନା ଚେନ, ଗୋଟିଏ ସୁନା ମୁଦି, ଦୁଇଟି ମୋବାଇଲ ଫୋନ୍, ଦୁଇଟି କାର୍, ଗୋଟିଏ ବାଇକ୍ ଜବତ କରାଯାଇଛି । ସ୍ମରଣଯୋଗ୍ୟ ପ୍ରାୟ ୭କେଜି ସୁନା ଅଳଙ୍କାର ଏବଂ ୪-୫ ଲକ୍ଷ ନଗଦ ଟଙ୍କା ଲୁଟ୍ ହୋଇଥିବା ଏହି ବ୍ୟାଙ୍କ୍ ଡକାୟତି ଘଟଣାରେ ଝାଡ଼ଖଣ୍ଡ ଓ ବିହାର ପ୍ରଦେଶର ଲୁଟେରା ସଂପୃକ୍ତ ଥିବାନେଇ ପ୍ରାଥମିକ ତଦନ୍ତ ପରେ ପୁଲିସ ସ୍ପଷ୍ଟ କରିଥିଲା । ତଦନୁଯାୟୀ ତନାଘନା ଅନୁସନ୍ଧାନ ଆରମ୍ଭ କରାଯାଇ ପ୍ରାଥମିକ ସଫଳତା ସ୍ୱରୂପ ଜାନୁଆରୀ ୨୪ ତାରିଖରେ ଝାଡ଼ଖଣ୍ଡ ପ୍ରଦେଶର ଧାନବାଦ ସହରରୁ ୨ ଜଣଙ୍କୁ ଗିରଫ କରାଯାଇ ଥିଲା । ଏହାର ତିନିଦିନ ପରେ ବିଲେଇପଦାରୁ ଜଣଙ୍କୁ ଗିରଫ କରାଯାଇଥିଲା । ଏହାର ପ୍ରାୟ ଏକ ସପ୍ତାହ ପରେ ବିହାର ପ୍ରଦେଶରୁ ସିପୁ କୁମାରକୁ ଗିରଫ କରା ଯାଇଥିଲା । ସେ ପୁଲିସ ପଞ୍ଝାରୁ ଖସି ପଳାଇବାକୁ ଉଦ୍ୟମ କରୁଥିବାବେଳେ ତାକୁ ମୁକାବିଲା କରାଯାଇ ଗୁଳିମାଡ଼ କରାଯାଇଥିଲା । ଏହି ଡକାୟତି ଘଟଣାରେ ବିହାର ପ୍ରଦେଶ ପାଟନାର ପ୍ରାୟ ୪ଜଣ ସଂପୃକ୍ତ ଥିବାର ଜଣାଯାଇଛି । ତେବେ ଏହି ଘଟଣାରେ ସମ୍ପୃକ୍ତ ଆହୁରି ୩ ଜଣ ଡକାୟତଙ୍କୁ ଧରିବାକୁ ପ୍ରୟାସ ଜାରି ରହିଛି ବୋଲି ଥାନା ଅଧିକାରୀ ଅଶୋକ କୁମାର ନାୟକ ପ୍ରକାଶ କରିଛନ୍ତି । ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ କୁମାର ମହାପାତ୍ର ଗିରଫ ୩ ଜଣଙ୍କୁ ଅଦାଲତ ଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି ।

### ହାଟଡ଼ିହୀ ତହସିଲରେ ବଦଳିଛି କାର୍ଯ୍ୟ ପ୍ରକ୍ରିୟା

## ଧାର୍ଯ୍ୟ ତାରିଖ ପୂର୍ବରୁ ସମାଧାନ ହେଉଛି ସମସ୍ୟା




ହାଟଡ଼ିହୀ,୧।୬(ସମିସ): ଗତ କିଛିମାସ ପୂର୍ବରୁ ତହସିଲଦାରଙ୍କ ଅନୁପସ୍ଥିତି ଯୋଗୁଁ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ବାରମ୍ବାର ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ଏହାକୁ ସମାଧାନ କରାଯାଇ ଗତ କିଛି ସପ୍ତାହ ପୂର୍ବେ ହାଟଡ଼ିହୀ ତହସିଲରେ ନୂତନ ତହସିଲଦାର ଭାବେ ସଞ୍ଜୟ କୁମାର ସାମନ୍ତରାଙ୍କୁ ଦାୟିତ୍ୱ ମିଳିଛି । ଶ୍ରୀ ସାମନ୍ତରାଙ୍କ ନିୟମିତ ଉପସ୍ଥିତି ଯୋଗୁଁ ଅନେକ ଲୋକଙ୍କ କାର୍ଯ୍ୟ ଅବିଳମ୍ବେ ସମାଧାନ ହେବାରେ ଲାଗିଛି । ଅପେକ୍ଷାରତ ସମସ୍ୟାପୂର୍ଣ୍ଣ କାର୍ଯ୍ୟ ଗୁଡ଼ିକ ମଧ ସମୟାନୁକ୍ରମେ ସମାଧାନ ହେବାରେ ଲାଗିଛି । ଜୁନ୍ ମାସ ୧ ତାରିଖ ଯାଏଁ ଆନନ୍ଦପୁର ତହସିଲ କାର୍ଯ୍ୟାଳୟରେ ୨୧୭୧, ଘସିପୁରା ତହସିଲ କାର୍ଯ୍ୟାଳୟରେ ୨୧୬୩ଟି ପ୍ରମାଣପତ୍ର ଫାଇଲ୍ ବିଚାରଧୀନ ଥିବାବେଳେ ହାଟଡ଼ିହୀ ତହସିଲ କାର୍ଯ୍ୟାଳୟରେ ବିଭିନ୍ନ କାର୍ଯ୍ୟର ୨୦୧୭ଟି ଫାଇଲ୍ ବିଚାରଧୀନ ରହିଛି । ଯାହା ଧାର୍ଯ୍ୟ ତାରିଖ ଅନୁସାରେ ସମାଧାନ ହେବାରେ ମଧ ଲାଗିଛି ଏବଂ ହାଟଡ଼ିହୀ ତହସିଲ ଅଧୀନରେ ଥିବା ୨୧୬ଟି ରାଜସ୍ୱ ଗ୍ରାମର ଲୋକେ ଉପକୃତ ହେଉଛନ୍ତି କ୍ଷ ବର୍ତ୍ତମାନର ସ୍ଥିତି ଅନୁସାରେ ଯୁକ୍ତ ଦୁଇ ଓ ତିନି ପରୀକ୍ଷା ସରିଥିବା ବେଳେ ଜାତିଗତ, ରୋଜଗାର ଏବଂ ବାସସ୍ଥାନ ଆଦିର ପ୍ରମାଣପତ୍ର ନିମନ୍ତେ ଆବେଦନକାରୀ ଛାତ୍ରଛାତ୍ରୀ ସହଜରେ ପ୍ରମାଣପତ୍ର ପାଉଥିବା ଦେଖାଯାଇଛି । ଏଥିସହ ଆଇନଗତ କିମ୍ବା ଇଡ଼ବ୍ଲ୍ୟୁଏସ୍ ପ୍ରମାଣପତ୍ର ଯୋଗାଡ଼ କରିବାରେ ମଧ ସେମାନଙ୍କୁ କୌଣସି ସମସ୍ୟା ଉପୁଜୁ ନଥିବା କୁହାଯାଇଛି କ୍ଷ ତହସିଲଦାର ସଞ୍ଜୟ କୁମାର ସାମନ୍ତରା, ଅତିରିକ୍ତ ତହସିଲଦାର ଆଲିଶା ଦାସଙ୍କ ସହ ବରିଷ୍ଠ ସହାୟକ ଶ୍ରବଣ କୁମାର ପରିଡ଼ାଙ୍କ ନିୟମିତ ଉପସ୍ଥିତି ବିଭିନ୍ନ ବର୍ଗର କାର୍ଯ୍ୟ ଗୁଡ଼ିକୁ ଅବିଳମ୍ବେ ସମାଧାନ କରିବାରେ ସିଦ୍ଧହସ୍ତ ବୋଲି ସେମାନଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା ମିଳିବା ସହିତ ଅନ୍ୟ ତହସିଲ କାର୍ଯ୍ୟାଳୟ ପାଇଁ ହାଟଡ଼ିହୀ ତହସିଲ ଉଦାହରଣ ପାଲଟିଛି ।

## ମଧୁବନରୁ ଏସ୍‌ଆଇଆର୍ କାର୍ଯ୍ୟକ୍ରମ ଆରମ୍ଭ



ହାଟଡ଼ିହୀ,୧।୬(ସମିସ): ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସଘନ ସଂଶୋଧନ -୨୦୨୬ କାର୍ଯ୍ୟକ୍ରମ ଅଧୀନରେ ମତଦାତା ତାଲିକାର ସଠିକ୍ ଓ ନିର୍ଭୁଲ ସଂଶୋଧନ ପାଇଁ ବୁଥ୍‌ସ୍ତରୀୟ ଅଧିକାରୀମାନେ ଘରକୁ ଘର ପରିଦର୍ଶନ ଆରମ୍ଭ କରିଛନ୍ତି । ଏହି ଅଭିଯାନ ଅନ୍ତର୍ଗତ ବିଏଲଓମାନେ ମତଦାତାଙ୍କ ନାମ, ଠିକଣା, ବୟସ ଓ ଅନ୍ୟାନ୍ୟ ତଥ୍ୟ ଯାଞ୍ଚ କରିବା ସହ ନୂତନ ମତଦାତାଙ୍କ ପଞ୍ଜୀକରଣ, ମୃତ ଓ ସ୍ଥାନାନ୍ତରିତ ବ୍ୟକ୍ତିଙ୍କ ନାମ ବାଦ ଦେବା ଏବଂ ଆବଶ୍ୟକ ସଂଶୋଧନ କାର୍ଯ୍ୟ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଶନିବାର ଦିନ ଆନନ୍ଦପୁର ଉପଜିଲ୍ଲାପାଳଙ୍କ ଉପସ୍ଥିତିରେ ହାଟଡିହୀ ବ୍ଲକର ମଧୁବନ ଗ୍ରାମରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ଏହି ଅବସରରେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କ ସମେତ, ହାଟଡ଼ିହୀ ବ୍ଲକର ଏବିଡିଓ ରଶ୍ମୀରେଖା ନାଏକ ଏବଂ ଅନ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଅଭିଯାନର ତଦାରଖ କରିଥିଲେ ।

### ଏଏମ୍‌ଏନ୍‌ଏସ୍ କମ୍ପାନୀ ଓ ଜମି ହରାଙ୍କୁ ନେଇ ବୈଠକ ଡାକିଲେ ଉପଜିଲ୍ଲାପାଳ

## ମା' ଲକ୍ଷ୍ମୀ ଜମିହରା କମିଟିର ଅସନ୍ତୋଷ



ଚମ୍ପୁଆ,୧।୬(ସମିସ): ଚମ୍ପୁଆ ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ମା' ଲକ୍ଷ୍ମୀ ଜମିହରା କମିଟି କାଟୁପାଲି ଓ ଏଏମ୍‌ଏନ୍‌ଏସ୍ କମ୍ପାନୀର ପଦାଧିକାରୀଙ୍କୁ ନେଇ ଏକ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଜନ ଶୁଣାଣିରେ ପୂର୍ବରୁ ପ୍ରସ୍ତାବିତ ୪ଟି ଦାବି ଉପରେ ଆଲୋଚନା କରାଯାଇଥିଲା । ସୂଚନାଯୋଗ୍ୟ କି ୨ ଅଗଷ୍ଟ ୨୦୨୫ରେ ଏ ନେଇ ଏକ ବୈଠକ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବେଳେ ଏଥି ବାବଦରେ ଜମିହରା କମିଟି ପକ୍ଷରୁ ଥିବା ୪ ଟି ଦାବି ରଖାଯାଇଥିଲା । ସେଥିମଧ୍ୟରୁ ମା' ଲକ୍ଷ୍ମୀ ଜମିହରା କମିଟି କାଟୁପାଲି ଲୋକଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା କରିବା, ୬ ମାସ ମଧ୍ୟରେ ୨ ଜଣଙ୍କୁ ଚାକିରି ଯୋଗାଇ ଦେବା ଏବଂ ହାଇୱା ଗାଡ଼ି ଲଗାଇବା ଏବଂ କମ୍ପାନୀ ପରିସରରେ ଲୋଡିଂ ଅନ୍‌ଲୋଡିଂ ସୁଯୋଗ ଦେବା ଉପରେ ପ୍ରସ୍ତାବ ଆଗତ ହୋଇଥିଲା । ଆଜି ଏ ନେଇ ମା' ଲକ୍ଷ୍ମୀ ଜମିହରା କମିଟି ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉଭୟପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇଥିଲେ ମଧ ମା' ଲକ୍ଷ୍ମୀ ଜମିହରା କମିଟି ଶୁଣାଣିରେ ସନ୍ତୁଷ୍ଟ ହୋଇପାରି ନଥିବା ବେଳେ ଉଭୟଙ୍କ ସହ ଆଲୋଚନା ହୋଇଛି । ପରେ ଏହାର ନିଷ୍କର୍ଷ ବାହାରିବ ବୋଲି ଉପଜିଲ୍ଲାପଳ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ଜମିହରାଙ୍କ ପକ୍ଷରୁ ଏହି ବୈଠକକୁ ଏକ ପାଖିଆ ଆଲୋଚନା କରାଯାଇଥିବା ନେଇ ଉପଜିଲ୍ଲାପାଳଙ୍କୁ ଏକ ଲିଖିତ ଅଭିଯୋଗ କମିଟିର ସଦସ୍ୟ ଦିବାକର ବେହେରା, ମୁନା ବେହେରା, ହଳଧର ବେହେରା, ବିନୋଦ ବେହେରା, ନଟବର ବେହେରା, ଦିଲ୍ଲିପ ବେହେରା ପ୍ରମୁଖ କରିଛନ୍ତି ।

## ବ୍ୟାଙ୍କ ପରିଚାଳକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଆନନ୍ଦପୁର,୧।୬(ସମିସ): ଆନନ୍ଦପୁର ବ୍ଲକ ଧକୋଠା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ ସୁଶାନ୍ତ କୁମାର ମାଝୀଙ୍କର ଚମ୍ପୁଆ ବଦଳି ହୋଇଛି । ଆଜି ତାଙ୍କୁ ବ୍ୟାଙ୍କ ପରିସରରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସହ ପରିଚାଳକ ପ୍ରସନ୍ନ କୁମାର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମାଜସେବୀ ଭରତ ଚନ୍ଦ୍ର ସାହୁ, ଜଗନ୍ନାଥ ସାହୁ, ରମେଶ ଚନ୍ଦ୍ର ସାହୁ, ରାମଚନ୍ଦ୍ର ସାହୁ, ପ୍ରଫୁଲ୍ଲ କୁମାର ସାହୁ, ମନୋରଞ୍ଜନ ନାୟକ, ସଂଜୀତ୍ କୁମାର ମହାରଣା, ସସ୍ମିତା ନାଏକ, ମଞ୍ଜୁଲତା ସାହୁ, କୁନି ନାଏକ, ସସ୍ମିତା ନାଏକ, ରୀନାରାଣୀ ସେଠୀ ପ୍ରମୁଖ ଯୋଗଦେଇ ବିଦାୟୀ ପରିଚାଳକ ଶ୍ରୀମାଝୀଙ୍କ କାର୍ଯ୍ୟର ପ୍ରଶଂସା କରିଥିଲେ । ଶାଖା କର୍ମଚାରୀ ଦିଲାୱାର ଟିଗା, ଶ୍ରୀକାନ୍ତ କୁମାର ସାହୁ, ବ୍ୟାଙ୍କ ମିତ୍ର କୀଷ୍ଟାରାଣୀ ସେଠୀ, ଧକୋଠା, କୋଳିମାଟି ପଞ୍ଚାୟତର ସମସ୍ତ ସିଆରପି, ଏମବିକେ ପ୍ରମୁଖ ଯୋଗଦେଇଥିଲେ । ଶ୍ରୀକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଜେଲରୁ ଗଞ୍ଜେଇ ଜବତ ଘଟଣା

## ୱାର୍ଡରଙ୍କ ନାମରେ ମାମଲା ରୁଜୁ

କେନ୍ଦୁଝର,୧।୬(ସମିସ)




କେନ୍ଦୁଝର ଜେଲରେ ୨୨ ତାରିଖ ରାତିରେ ଜଣେ ୱାର୍ଡରଙ୍କ ଠାରୁ ଗଞ୍ଜେଇ ଜବତ ହୋଇଥିଲା । ଡ୍ୟୁଟିରେ ଥିବା ସମୟରେ ଜେଲ ଅଧୀକ୍ଷକ, ଜେଲର ହଠାତ୍ ଜଣେ ୱାର୍ଡର ଆଲୋକ ଧଡ଼ାଙ୍କ ବ୍ୟାଗ ଯାଞ୍ଚ କରିବା ପରେ ଗଞ୍ଜେଇ ବାହାରିଥିଲା । ଗଞ୍ଜେଇ ଜବତ କରାଯିବା ପରେ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ ହେଁ ପୁଲିସରେ ଏତଲା ଦେଇନଥିଲା । ତେବେ ଏ ନେଇ ଅଭିଯୋଗ ଏବଂ ବିଭିନ୍ନ ଖବରକାଗଜରେ ଖବର ପ୍ରକାଶ ପାଇବା ପରେ ଆଜି ଜେଲ ଅଧୀକ୍ଷକ ଉପେନ୍ଦ୍ର ଜେନା ଟାଉନ ଥାନାରେ ଏତଲା ଦେଇଥିଲେ । ଟାଉନ ପୁଲିସ କେସ ନମ୍ବର ୫୨୬/୨୦୨୬ରେ ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁ କରିଛି । ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ, ଇନ୍ସପେକ୍ଟର ଅରୂପ କୁମାର ସାମଲ ଘଟଣାର ତଦନ୍ତ କରିଛନ୍ତି । ତେବେ ୯ ଦିନ ପରେ ଜେଲ ଅଧୀକ୍ଷକ ଉପେନ୍ଦ୍ର ଜେନା ପୁଲିସରେ ଏତଲା ଦେବା ପରେ ସେ ସନ୍ଦେହ ଘେରରେ ରହିଛନ୍ତି । ଏତଲାରେ ସେ ମାତ୍ର ୬୨ ଗ୍ରାମ ଗଞ୍ଜେଇ ଜବତ ହୋଇଥିବା ନେଇ ରିପୋର୍ଟ ଦେଇଥିବାବେଳେ ବାସ୍ତବରେ ଏହାଠାରୁ ଢେର ଅଧିକ ଜବତ ହୋଇଥିବା ଅଭିଯୋଗ ହୋଇଛି । ପୁଲିସ ୨୨ ତାରିଖ ଦିନ ରାତିରେ ସିସିଟିଭି ଫୁଟେଜ ଯାଞ୍ଚ କଲେ କେତେ ପରିମାଣର ଗଞ୍ଜେଇ ଜବତ ହୋଇଛି ତାହା ଜଣାପଡ଼ିବ । ସୂଚନାଯୋଗ୍ୟଯେ, କେନ୍ଦୁଝର ଜିଲ୍ଲା କାରାଗାରରେ ଅବାଧ ନିଶା କାରବାର ଚାଲିଛି । ବାହାରୁ ଗଞ୍ଜେଇ, ମଦ, ଭାଙ୍ଗ, ବିଡ଼ି, ସିଗାରେଟ, ଖଇନି, ଗୁଟଖା ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ଜେଲ ଭିତରକୁ ଚାଲାଣ ହେଉଛି । ଜେଲରେ ବହୁ କଏଦୀ ନିଶାଦ୍ରବ୍ୟ ସେବନ କରି ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି । ଜେଲରେ କଟକଣା ନଥିବାରୁ ଜେଲ ଭିତରକୁ ନିୟମିତ ନିଶାଦ୍ରବ୍ୟ ଚାଲାଣ ହେଉଛି । ଜେଲ ଭିତରକୁ ୱାର୍ଡରମାନେ ମାଦକ ଦ୍ରବ୍ୟ ନେଉଛନ୍ତି । ଏତେ ସୁରକ୍ଷା ବ୍ୟବସ୍ଥା ଥାଇ ମଧ ଜେଲ ଭିତରକୁ କିପରି ଗଞ୍ଜେଇ ଓ ଅନ୍ୟାନ୍ୟ ମାଦକଦ୍ରବ୍ୟ ଯାଉଛି ତାହା ଜେଲ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଜେଲ ଭିତରକୁ ଯାଉଥିବା କର୍ମଚାରୀଙ୍କର ପ୍ରବେଶ ଏବଂ ପ୍ରସ୍ଥାନ ସମୟରେ କଡ଼ାକଡ଼ି ଯାଞ୍ଚ କରାଯାଉନାହିଁ । ଜେଲ ଅନ୍ତେବାସୀଙ୍କ ପାଇଁ ବାହାରୁ ଆସୁଥିବା ଖାଦ୍ୟ ପୁଡିଆ ଏବଂ ଟିଫିନ୍ ଡବାକୁ ସିସିଟିଭି ସାମ୍ନାରେ ଦେଖାଇବାର ନିୟମ ଥିଲେ ହେଁ ଏହା କରାଯାଉନାହିଁ । ଜେଲ କର୍ମଚାରୀଙ୍କ ମିଳି ଭଗତରେ ଏଭଳି ନିଶା କାରାବାର ଚାଲିଥିବା ଅଭିଯୋଗ ହେଉଛି । ପୂର୍ବରୁ ଜେଲ ଭିତରକୁ ଗଞ୍ଜେଇ ଚାଲାଣ ବେଳେ ଧରାପଡିଥିଲେ ହେଁ ଏହାକୁ ଚାପି ଦିଆଯାଇଥିଲା । ୱାର୍ଡରମାନେ ବାହାରୁ ମାଦକଦ୍ରବ୍ୟ କ୍ରୟ କରି ଜେଲରେ ଥିବା କଏଦୀଙ୍କୁ ଅଧିକ ଦରରେ ବିକ୍ରି କରି ବେଶ ଲାଭବାନ ହେଉଛନ୍ତି ।

### ୬କୋଟି ଟଙ୍କାର ନିର୍ମାଣ କାର୍ଯ୍ୟକୁ ଅଣଦେଖା

## ଡବ୍ଲୁଏମ୍‌ଏମ୍ ପରିବର୍ତ୍ତେ ପଡୁଛି ଡଷ୍ଟ

ଆନନ୍ଦପୁର,୧।୬(ସମିସ): ଭଗାନଈ ମଦନପୁର ଭାୟା କାନପୁର ରାସ୍ତା ନିର୍ମାଣରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ରାସ୍ତା କାମକୁ ନେଇ ସ୍ଥାୟିତ୍ୱ ଓ ଗୁଣବତ୍ତାକୁ ନେଇ ପ୍ରଶ୍ନ ଉଠିଛି । ସୂଚନା ଅନୁଯାୟୀ, ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ରାସ୍ତା ନିର୍ମାଣ ପାଇଁ ୬ କୋଟି ୯୭ ଲକ୍ଷ ୩ ହଜାର ୬୮୨ ଟଙ୍କା ବ୍ୟୟ ବରାଦ କରାଯାଇଛି । ଉଠିଛି ବଡ଼ ପ୍ରଶ୍ନ । ଡବ୍ଲୁଏମଏମ୍ ପରିବର୍ତ୍ତେ ଡଷ୍ଟ ପକାଯାଉଥିବା ଅଭିଯୋଗ ସହ ନିର୍ମାଣ କାର୍ଯ୍ୟରେ ଯନ୍ତ୍ରୀଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ସ୍ଥାନୀୟ ଲୋକେ । କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ୍‌ର ଭଗାନଈରୁ ମଦନପୁର ଭାୟା କାନପୁର ବାଇପାସ୍ ରାସ୍ତା ନିର୍ମାଣକୁ ନେଇ ଏହି ଅଭିଯୋଗ ସାମ୍ନାକୁ ଆସିଛି ।




ଭଗାନଈ-କାନପୁର ରାସ୍ତା

ଏହି ରାସ୍ତା ନିର୍ମାଣ କାମ ନିମ୍ନମାନର ହେଉଥିବା ନେଇ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତାରେ ନିର୍ଦ୍ଧାରିତ ମାନର ଡବ୍ଲୁଏମଏମ୍ ପକାଯିବା ପରିବର୍ତ୍ତେ ଅଧିକାଂଶ ସ୍ଥାନରେ ଡଷ୍ଟ ପକାଯାଉଛି ଏବଂ ହାତଗଣତି କିଛି ମେଟାଲ ମିଶାଯାଉଛି । ଫଳରେ ରାସ୍ତାର କାର୍ଯ୍ୟ ସ୍ଥଳରେ ନିର୍ମାଣ ସମ୍ପର୍କିତ ସୂଚନା ଫଳକ, ଠିକାଦାରଙ୍କ ନାମ ଓ କାମ ଶେଷ ହେବାର ସମୟ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ନଥିବା ଅଭିଯୋଗ ହେଉଛି । ତେବେ ଏହି ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ କରି ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଅଞ୍ଚଳବାସୀ ।

### ଷଷ୍ଠ ବାର୍ଷିକ ନାଟ୍ୟ ମହୋତ୍ସବ ଉଦ୍‌ଘାଟିତ

## ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କଲା ନାଟକ 'ମୁଠାଏ ମାଟି'

ବାରିପଦା,୧୮୬(ସମିସ): ସ୍ଥାନୀୟ ସହିଦ ସ୍ମୃତି ଭବନରେ ବାରିପଦା କଳାକାର ପରିବାର ଆନୁକୂଲ୍ୟରେ ଆୟୋଜିତ ଷଷ୍ଠ ବାର୍ଷିକ ନାଟ୍ୟ ମହୋତ୍ସବ ଉଦଘାଟିତ ହୋଇଛି। ପରିବାରର ସଭାପତି ସନ୍ତୋଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ସମାଜସେବୀ ପୂର୍ଣ୍ଣଚନ୍ଦ୍ର ଭୁଗୁଡେଇ ଏହି ମହୋତ୍ସବର ଉଦଘାଟନ କରିବା ସହ ମହୋତ୍ସବର ସଫଳତା କାମନା କରିଥିଲେ। ସମ୍ପାଦକ ଅସିତ ଗିରି ସ୍ୱାଗତ ଭାଷଣ ଦେଇଥିଲେ ଓ ପ୍ରୟାସ ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ପ୍ରଥମ ସନ୍ଧ୍ୟାରେ ଓମ୍ ନାଟ୍ୟ ସଂସ୍ଥା ପ୍ରଯୋଜିତ ଓ ଡଃ ବସନ୍ତ କୁମାର ମହାପାତ୍ରଙ୍କ ଲିଖିତ ଓ ଧୀର ବଶାଙ୍କ ନିର୍ଦ୍ଦେଶିତ ନାଟକ "ମୁଠାଏ ମାଟି" ମଞ୍ଚସ୍ଥ ହୋଇଛି। ବିଭିନ୍ନ ଭୂମିକାରେ ପ୍ରସନ୍ନ କୁମାର ମହାନ୍ତି, କୃଷ୍ଣଚନ୍ଦ୍ର ଦାସ, ଜ୍ଞାନରଞ୍ଜନ ପଣ୍ଡା, ଜଗଦୀଶ ଚନ୍ଦ୍ର ଦାସ, ରଣଜିତ କୁମାର ସାହୁ, ଜ୍ୟୋତି ଶଙ୍କର ପଟ୍ଟନାୟକ, ସୁଜୟ ମହାନ୍ତି, ଗଣେଶ ବେହେରା, ମଇନା ବାରିକ ଓ ଆଦ୍ୟାଶା ଦାସ ଅଭିନୟ କରିଥିବାବେଳେ ସଂଗୀତରେ ଶକ୍ତିପ୍ରସାଦ ମିଶ୍ର, ମଞ୍ଚସଜ୍ଜାରେ ନରସିଂହ ବାରିକ, ଆଲୋକରେ ଆନିକେତ ଦାସ, ମଞ୍ଚ ପରିଚାଳନାରେ ଦେବାନନ୍ଦ ପାତ୍ର ଓ ଗୀତିକାର ଭାବେ ରାଜେଶ ଦାଶ ସହଯୋଗ କରିଥିଲେ। ଗାଁର ଯୁବକମାନେ ଅର୍ଥ ଉପାର୍ଜନ କରିବା ଆଶାରେ ନିଜ ଭିଟାମାଟି ଛାଡ଼ି ସହରାଭିମୁଖୀ ଓ ମାତ୍ର ବିଫଳ ହେବା ସହ କୁପଥଗାମୀ ହୋଇଯା'ନ୍ତି ଓ ଶେଷରେ ନିରାଶ ହୋଇ ପୁଣି ଗାଁକୁ ଫେରି ବେକାର ଓ ଦିଗହରା ହୋଇଯା'ନ୍ତି। ଏହି ବିଷୟବସ୍ତୁ ଉପରେ ଆଧାରିତ ନାଟକରେ କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଶେଷରେ ନିର୍ଦ୍ଦେଶକଙ୍କ ସମେତ ସମସ୍ତ କଳାକାରଙ୍କୁ ଆୟୋଜକଙ୍କ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଆସନ୍ତାକାଲି ସମ୍ଭାବନା ସାଂସ୍କୃତିକ ପରିଷଦ ପ୍ରଯୋଜିତ ନାଟକ "ନିଷ୍ପତ୍ତି" ମଞ୍ଚସ୍ଥ ହେବ।

### ବକେୟା କାମ ବିଲ୍‌କୁ ନେଇ ଉତ୍ତେଜନା

## ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଲେ ଠିକାଦାର

ରାଇରଙ୍ଗପୁର, ୧୮୬(ସମିସ):




କାମ ସମ୍ପୂର୍ଣ୍ଣ କରିବା ପରେ ମଧ୍ୟ ବକେୟା କାମ ବିଲ ପ୍ରଦାନ କରାଯାଉନାହିଁ। ଯାହାକୁ ନେଇ ଜଣେ ଠିକାଦାର ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଛନ୍ତି। ବାମନଘାଟି ଉପଖଣ୍ଡର ବହଳଦା ବ୍ଲକ୍ ଅନ୍ତର୍ଗତ ଗିଦିଘାଟୀ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଜଣେ ଠିକାଦାର ତାଲା ପକାଇ ପ୍ରତିବାଦ କରିଛନ୍ତି। ଫଳରେ ପଞ୍ଚାୟତର ଦୈନନ୍ଦିନ କାର୍ଯ୍ୟ ପ୍ରଭାବିତ ହୋଇଥିବାବେଳେ ସାଧାରଣ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

ସୂଚନା ମୁତାବକ, ଗୟଳକୋଟା ଗ୍ରାମର ଠିକାଦାର ନାରାୟଣ ମହାନ୍ତି ପ୍ରାୟ ଦୁଇବର୍ଷ ପୂର୍ବେ ବହଳଦା ବ୍ଲକ ପକ୍ଷରୁ କାର୍ଯ୍ୟାଦେଶ ପାଇ ମହୁଲଡୁମା ଗ୍ରାମରେ ଲକ୍ଷ୍ମୀପୂଜା ମଣ୍ଡପ ନିର୍ମାଣ କରିଥିଲେ। କାମ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସମ୍ପୃକ୍ତ ପ୍ରକଳ୍ପ ବିଲ୍ ରାଶି ପାଇ ନ ଥିବା ଅଭିଯୋଗ କରିଛନ୍ତି। ସେହିପରି ପଞ୍ଚାୟତ ପକ୍ଷରୁ ଠାକୁରବାଡି ପ୍ରାଥମିକ ବିଦ୍ୟାଳୟର ମରାମତି କାମ ପାଇଁ ପ୍ରାୟ ୧.୧୩ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲା। ଉକ୍ତ କାମ ଦୁଇବର୍ଷ ତଳେ ସମ୍ପନ୍ନ ହୋଇଥିଲେ ମଧ୍ୟ ବିଲ୍ ମିଳି ନ ଥିବା ଅଭିଯୋଗ ହୋଇଛି। ଶ୍ରୀ ମହାନ୍ତିଙ୍କ କହିବା ଅନୁସାରେ, ଏନେଇ ସେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣିରେ ଛଅଥର ଅଭିଯୋଗ କରିଥିଲେ। ମାତ୍ର ଘଟଣା ତଦନ୍ତରେ ସୀମିତ ରହିଥିବାବେଳେ ବକେୟା ଅର୍ଥ ପ୍ରଦାନ ହୋଇନାହିଁ। ଏପରିକି ସମ୍ପୃକ୍ତ ଫାଇଲ୍ ବ୍ଲକ କାର୍ଯ୍ୟାଳୟରୁ ନିଖୋଜ ହୋଇଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ଦୀର୍ଘଦିନ ଧରି ନ୍ୟାୟ ନ ମିଳିବାରୁ ବାଧ୍ୟ ହୋଇ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଥିବା ଠିକାଦାର କହିଛନ୍ତି। ଅନ୍ୟପକ୍ଷରେ କାର୍ଯ୍ୟାଳୟରେ ତାଲା ପଡ଼ିଥିବାରୁ ବିଭିନ୍ନ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ଲୋକମାନେ ହଇରାଣ ହେଉଥିବା ଦେଖାଯାଇଛି। ଜଣେ ଠିକାଦାରଙ୍କୁ କାର୍ଯ୍ୟ କରିବା ପରେ ବକେୟା ବିଲ ପାଇଁ ଏତେ ଦିନ ଅପେକ୍ଷା କରାଇବା ପ୍ରଶାସନିକ ଅଧିକାରୀଙ୍କ ଦୁର୍ନୀତି କାର୍ଯ୍ୟର ପରିଚୟ ଦେଉଛି। ଘଟଣାର ସମାଧାନ ଓ କାର୍ଯ୍ୟାଳୟ ତାଲା ଖୋଲିବା ନେଇ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ଅଟେ।



## ଶିମିଳିପାଳରେ ବିରଳ ମାଉସ ଡିଅର

ବାରିପଦା,୧୮୬(ସମିସ):ଶିମିଳିପାଳ ଜାତୀୟ ଉଦ୍ୟାନରେ ବିଶ୍ୱର ସର୍ବକ୍ଷୁଦ୍ର ଓ ପ୍ରାଚୀନତମ ଖୁର ପ୍ରାଣୀ ଭାରତୀୟ ମାଉସ୍ ଡିଅର (ମସଚିଓଲା ଇଣ୍ଡିକା) ଦେଖାଯାଇଛି। ଯାହାର ଫଟୋ ସୋସିଆଲ ମିଡିଆରେ ଭାଇରଲ ହେବା ପରେ ଓଡିଶାର ଏକ ଅନନ୍ୟ ବନ୍ୟପ୍ରାଣୀ ଆବାସ ଭାବେ ଶିମିଳିପାଳ ପୁଣିଥରେ ନିଜର ବିରଳତା ପ୍ରମାଣିତ କରିଛି। ଶିମିଳିପାଳର ଘନ ଜଙ୍ଗଲ ଓ ପାହାଡ଼ ପଥର ଭୂମିରେ କଳାବାଘଠାରୁ ଆରମ୍ଭ କରି ହାତୀ, ଭାଲୁ ଓ କୁମ୍ଭୀର ପ୍ରଭୃତି ବନ୍ୟପ୍ରାଣୀଙ୍କୁ ଦେଖିବାକୁ ମିଳିଥାଏ। ଏପରିକି ଜୈବ ମଣ୍ଡଳ ଭାବେ ପରିଚିତ ଶିମିଳିପାଳ ପାଇଁ ବିଲୁପ୍ତପ୍ରାୟ ପ୍ରାଣୀ ଦେଖିବାକୁ ମିଳିଥାଏ। ଏଭଳି ଏକ ତୃଣଭୋଜି ପ୍ରାଣୀକୁ ଠାବ କରାଯାଇଥିବାବେଳେ ତାହାକୁ ସୋସିଆଲ ମିଡିଆରେ ଭାଇରଲ କରାଯାଇଛି। ଏହି ଛୋଟ ଆକାରର ପ୍ରାଣୀର ଏକ ଆକର୍ଷକ ଫଟୋ ସାମ୍ନାକୁ ଆସିଛି। ଏହାର ଧୂସର-କଳା ଶରୀରରେ ଧଳା ଡୋଳା, ଛୋଟ କାନ ଓ ବଡ଼ ଆଖି ଥିବା ସ୍ୱତନ୍ତ୍ର ଚେହେରା ଦେଖାଯାଉଛି। ଏହି ପ୍ରଜାତି ସାଧାରଣତଃ ରାତିରେ ସକ୍ରିୟ ହୋଇଥା'ନ୍ତି ଓ ଅତ୍ୟନ୍ତ ଲାଜୁକ ପ୍ରକୃତିର ହୋଇଥାଏ। ଭାରତୀୟ ମାଉସ୍ ଡିଅର ବିଶ୍ୱର ସର୍ବକ୍ଷୁଦ୍ର ଖୁରଯୁକ୍ତ ପ୍ରାଣୀ ମଧ୍ୟରୁ ଅନ୍ୟତମ। ଏହାର ଆକାର ଏକ ବଡ଼ ଖରଗୋଶ ପରି ହୋଇଥାଏ। ଏହା ଭାରତର କେତେକ ନିର୍ଦ୍ଦିଷ୍ଟ ଜଙ୍ଗଲରେ ଦେଖିବାକୁ ମିଳିଥାଏ। ଏଥିମଧ୍ୟରେ ଶିମିଳିପାଳ ଅନ୍ୟତମ ପ୍ରମୁଖ ବାସସ୍ଥଳ। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ ଏହି ପ୍ରାଣୀର ସଂରକ୍ଷଣ ପାଇଁ ଲଗାତର ପ୍ରୟାସ ଜାରି ରଖିଛନ୍ତି। ଏଭଳି ପ୍ରାଣୀ ଅନେକ ବର୍ଷ ଧରି ରହିଆସୁଛନ୍ତି। ପ୍ରାୟତଃ ଏମାନଙ୍କୁ ଅଧିକାଂଶ ସମୟରେ ଦେଖିବାକୁ ମିଳିଥାଏ। ଶିମିଳିପାଳ ପାଇଁ ଏହା ନୂତନ କଥା ନୁହେଁ। ଏହି ପ୍ରଜାତିର ପ୍ରାଣୀକୁ ସ୍ଥାନୀୟ ଲୋକେ ଗୁରାଣ୍ଡି ବୋଲି କହିଥା'ନ୍ତି। ଏମାନଙ୍କ ସୁରକ୍ଷା ପାଇଁ ବନ୍ୟ ବିଭାଗ ପକ୍ଷରୁ ପ୍ରୟାସ ଜାରି ରହିଛି ବୋଲି ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ତଥା ଓଡିଶା ବନ ଉନ୍ନୟନ ନିଗମ ସ୍ୱାଧୀନ ନିର୍ଦ୍ଦେଶକ ଭାନୁମିତ୍ର ଆଚାର୍ଯ୍ୟ ପ୍ରକାଶ କରିଛନ୍ତି। ବନ୍ୟପ୍ରାଣୀ ପ୍ରେମୀ ଓ ପର୍ଯ୍ୟଟକଙ୍କ ମଧ୍ୟରେ ବିରଳ ଗୁରାଣ୍ଡି ଫଟୋ ବେଶ୍ ଉତ୍ସାହ ସୃଷ୍ଟି କରିଛି।

## ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ପାଇଁ ଉପଜିଲ୍ଲାପାଳଙ୍କ ସାମ୍ବାଦିକ ସମ୍ମିଳନୀ



ଉଦଳା,୧୮୬(ସମିସ): ଉଦଳା ନିର୍ବାଚନମଣ୍ଡଳୀରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ବ୍ୟାପକ ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଭୋଟର ପଞ୍ଜୀକରଣ ଅଧିକାରୀ ତଥା କପ୍ତିପଦା ଉପଜିଲ୍ଲାପାଳଙ୍କ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଘନ ସଂଶୋଧନ କାର୍ଯ୍ୟକ୍ରମର ସଠିକ ବିବରଣୀ ଜନସାଧାରଣଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ଉକ୍ତ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ଗତ ୩୦ ତାରିଖରୁ ଆରମ୍ଭ ହୋଇ ସେପ୍ଟେମ୍ବର ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ସମସ୍ତ ତଥ୍ୟ ଅବଗତ କରାଇବା ସହିତ ଜନସାଧାରଣଙ୍କ ନିକଟରେ ସଠିକ ତଥ୍ୟ ଉପସ୍ଥାପନ କରିବାକୁ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ପରାମର୍ଶ ଦେଇଥିଲେ। ଜଣେ ବି ଯୋଗ୍ୟ ନିର୍ବାଚକଙ୍କ ନାମ ଯେମିତି ଭୋଟର ତାଲିକାରୁ ବାଦ ନ ପଡ଼େ, ସେଥିପ୍ରତି ଉପଖଣ୍ଡ ପ୍ରଶାସନ ସତର୍କ ଦୃଷ୍ଟି ରଖିଥିବାବେଳେ ଏଥିନିମନ୍ତେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଥିବା ଉପଜିଲ୍ଲାପାଳ ମତ ପ୍ରକାଶ କରିଥିଲେ । ସାମ୍ବାଦିକ ସମ୍ମିଳନୀରେ ଡେପୁଟି କଲେକ୍ଟର ପ୍ରତୀକ କୁମାର ପଣ୍ଡା, ସହକାରୀ ଜିଲ୍ଲାପାଳ ପ୍ରବୀଣ କୁମାର ମାଝୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ ଉପସ୍ଥିତ ଥିବାବେଳେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ରାଉତରାୟ ମୁର୍ମୁ, ଶ୍ରୀତମ ମହାନ୍ତି, ଇଭାନ ଦଳେଇ, ଦୁଷ୍ମନ୍ତ ନାଏକଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ତଥା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ଅଜିତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ସଠିକ୍ ତଥ୍ୟ ଅବଗତ କରାଇବାକୁ ପରାମର୍ଶ**

## ଜନବସତିରୁ ହରିଣ ଉଦ୍ଧାର

ବୈଶିଙ୍ଗା, ୧୮୬(ସମିସ): ବେତନଟୀ ରେଞ୍ଜ ଅନ୍ତର୍ଗତ ନଡ଼ପୁର ଗ୍ରାମରେ ପ୍ରବେଶ କରିଥିବା ଛୋଟ ହରିଣକୁ ବନ ବିଭାଗ ଉଦ୍ଧାର କରି ଜଙ୍ଗଲରେ ଛାଡ଼ିଛି। ଗତ ୨/୩ ଦିନ ଧରି ନଡ଼ପୁର ଓ ନୂଆଗାଁ ଅଞ୍ଚଳରେ ହରିଣଟି ବିଚରଣ କରୁଥିଲା। ବେତନଟୀ ରେଞ୍ଜ ଇଲାକାରେ ସାଧାରଣତଃ ହରିଣ ନ ଥିବାରୁ ଏହାର ଆଗମନ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଲୋଚନାର ବିଷୟ ହୋଇଥିଲା। ଆଜି ବନ ବିଭାଗ ଟିମ୍ ହରିଣକୁ ସୁରକ୍ଷିତ ଭାବେ ଧରି ଜଙ୍ଗଲରେ ଛାଡ଼ିଥିଲା। ବେତନଟୀ ରେଞ୍ଜ ଡେପୁଟି ରେଞ୍ଜର ଧ୍ରୁବେନ୍ଦ୍ର ନାଥ ନାଏକ କହିଛନ୍ତି, ହରିଣଟି ସମ୍ଭବତଃ କୁଳଡିହା ଅଭୟାରଣ୍ୟ କିମ୍ବା ଶିମିଳିପାଳ ଅଭୟାରଣ୍ୟରୁ ଖାଦ୍ୟ ଅନ୍ୱେଷଣ କରୁଥିବା ସମୟରେ ବାଟ ଭୁଲି ଜନବସତି ଆଡ଼କୁ ଚାଲିଆସିଥିଲା। ଏହାକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯିବା ସହ ଜଙ୍ଗଲରେ ଛାଡ଼ି ଦିଆଯାଇଛି।

### ମୟୂରଭଞ୍ଜ ଟାଇମ୍ସ ଓ ଫିକ୍ସୋଇନ ଡାଇରେକ୍ଟୋରୀ ଉଦ୍‌ଘାଟିତ

## ଜିଲ୍ଲାବାସୀଙ୍କ ସ୍ୱର ଭାବେ ମୟୂରଭଞ୍ଜ ଟାଇମ୍ସ କାମ କରିବ

ବାରିପଦା,୧୮୬(ସମିସ): ବର୍ତ୍ତମାନ ସୂଚନା ଓ ପ୍ରଯୁକ୍ତିବିଦ୍ୟା ବହୁଳ ବ୍ୟବହାରକୁ ନଜରରେ ରଖି ବାରିପଦା ସହରର ଯୁବ ଉଦ୍ୟୋଗପତି ଶିବାଦିତ୍ୟ




ପଣ୍ଡାଙ୍କ ଅଧକ୍ଷତାରେ ମୟୂରଭଞ୍ଜ ଟାଇମ୍ସ ନାମକ ନ୍ୟୁଜ ପୋର୍ଟାଲ ଓ ପର୍ଯ୍ୟଟକ ତଥା ସାଧାରଣ ଜନତାଙ୍କ ସୁବିଧା ପାଇଁ ଫିକ୍ସୋଇନ ଡାଇରେକ୍ଟୋରୀ ଆରମ୍ଭ ହୋଇଛି। ବାରିପଦା ରୋଟାରୀ କ୍ଲବ୍ ସମ୍ମିଳନୀ କକ୍ଷର ଅଳକା ଇନ୍‌ଫୋଟେକର ପ୍ରତିଷ୍ଠାତା ଇଂ ଶିବାଦିତ୍ୟ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହାର ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ସମ୍ମାନିତ ଅତିଥି ଭାବେ ମାସା ଅର୍ମାର ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି, ବାରିପଦା ପୌର ପରିଷଦର ପୂର୍ବତନ ଉପନଗରପାଳ ଦୀପ୍ତିଲତା ମିଶ୍ର, ଅଳକା ଇନ୍‌ଫୋଟେକର ଚେୟାରମ୍ୟାନ ଅଳକା ପଣ୍ଡା ପ୍ରମୁଖ ଯୋଗଦେଇ ମୟୂରଭଞ୍ଜ ଟାଇମ୍ସ ନ୍ୟୁଜ ପୋର୍ଟାଲ ସହ ଫିକ୍ସୋଇନ ଡାଇରେକ୍ଟୋରୀ ଉଦଘାଟନ କରିଛନ୍ତି।

୨୦୧୩ରେ ଅଳକା ଇନଫୋଟେକ ନାମକ କମ୍ପ୍ୟୁଟର ଅନୁଷ୍ଠାନରୁ ଆରମ୍ଭ ହୋଇ ଆଜି ଆଇଟି କ୍ଷେତ୍ରରେ ଏକ ପ୍ରମୁଖ ଅନୁଷ୍ଠାନ ପାଲଟିଥିବା ଏହି ଅନୁଷ୍ଠାନ ପିଲାମାନଙ୍କୁ କମ୍ପ୍ୟୁଟର ଶିକ୍ଷା ଦେବା ସହ ସେମାନଙ୍କ ନିଯୁକ୍ତିର ସୁଯୋଗ ମଧ୍ୟ ସୃଷ୍ଟି କରିଛି। ସମାଜ ତଥା ନିଜ ଅଞ୍ଚଳର ଉନ୍ନତି କଥା ଚିନ୍ତା କରି ଶ୍ରୀ ପଣ୍ଡା ଫିକ୍ସୋଇନ ଆପ୍ ମାଧ୍ୟମରେ ସହରବାସୀ ଘରେ ବସି ସମସ୍ତ ଆବଶ୍ୟକ ଜିନିଷ କ୍ରୟ ଓ ସ୍ଥାନୀୟ ଅଞ୍ଚଳକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଫିକ୍ସୋଇନ ଟୁର୍ ଓ ଟ୍ରାଭେଲ୍ସ ମାଧ୍ୟମରେ ସେବା ମଧ୍ୟ ଯୋଗାଇ ଆସୁଛନ୍ତି। ତେବେ ସମସ୍ତ ସେବାକୁ ସହଜ କରିବା ପାଇଁ ବର୍ତ୍ତମାନ ଫିକ୍ସୋଇନ ବିଜନେସ ଡାଇରେକ୍ଟୋରୀ ଆରମ୍ଭ କରାଯାଇଛି ଓ ଜିଲ୍ଲାବାସୀଙ୍କ ସ୍ୱର ଭାବେ ମୟୂରଭଞ୍ଜ ଟାଇମ୍ସ ମାଧ୍ୟମରେ ଆଗାମୀ ଦିନରେ ବିଭିନ୍ନ ସମସ୍ୟାକୁ ଲୋକଲୋଚନକୁ ଆଣିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏ ଅବସରରେ ସାମାଜିକ କର୍ମୀ, ସାମ୍ବାଦିକ ଓ କୃତୀ ସ୍ନାତକ ଛାତ୍ରଛାତ୍ରୀଙ୍କୁ ଈଶ୍ୱର ଚନ୍ଦ୍ର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅର୍ପିତା କର ଓ ପ୍ରିୟଙ୍କା ପଣ୍ଡା ମଞ୍ଚ ପରିଚାଳନା କରିଥିବାବେଳେ ବିବେକାନନ୍ଦ ହେମ୍ବ୍ରମ, ଅଜିତ ବାରିକ, ଦୀନେଶ ଶତପଥି ପ୍ରମୁଖ ସହଯୋଗ କରିଥିଲେ।

## ହୋ ସମାଜର ସମାଜସେବୀ ପାଣ୍ଡୁ ତିୟୁଙ୍କ ପରଲୋକ

ଶରତ,୧୮୬(ସମିସ): ଗତମାସ ୩୦ ତାରିଖ ଦିନ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତ ଅଞ୍ଚଳର ବିଶିଷ୍ଟ ହୋ' ସମାଜସେବୀ ପାଣ୍ଡୁ ତିୟୁ (୭୨)ଙ୍କ ପଦ୍ମପୋଖରୀ ପଞ୍ଚାୟତ ଅଧୀନ ଧପଡ଼ା ରାଜସ୍ୱ ଗ୍ରାମ ଅସନବାହାଳୀ ଗ୍ରାମରେ ପରଲୋକ ଘଟିଛି। ସେ ମଧୁମେହ ଓ ବୃକକ ରୋଗରେ ପୀଡ଼ିତ ଥିଲେ। ଜିଲ୍ଲା ଓ ରାଜ୍ୟ ବାହାରୁ ଅନେକ ବ୍ୟକ୍ତି ଆସି ତାଙ୍କର ଦର୍ଶନ କରିଛନ୍ତି। ପାଣ୍ଡୁ ତିୟୁ ଓଡ଼ିଶା ସଚିବାଳୟର ଜିଏ ବିଭାଗରେ ଚାକିରି କରିଥିଲେ। ସେ ସରକାରୀ ଚାକିରି କରିବା ସହିତ ସମାଜସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଥିଲେ। ଶରତ ଅଞ୍ଚଳର ଉନ୍ନତି ଦିଗରେ ସେ ତତ୍କାଳୀନ କରଞ୍ଜିଆ ବିଧାୟକ, କେନ୍ଦୁଝରର ଲୋକସଭା ସାଂସଦ ଓ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଶରତ ଅଞ୍ଚଳର ସମସ୍ୟା ଉପସ୍ଥାପନ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସେ ଶରତ ଅଞ୍ଚଳର ଯୁବକ/ଯୁବତୀଙ୍କୁ ଏକତ୍ରିତ କରି ଅନେକ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନେଇଥିଲେ। ନିଜର ସୀମିତ ଆୟ ସତ୍ତ୍ୱେ ସେ ଗରିବ ପିଲାଙ୍କ ପାଇଁ ନିଜ ଘରେ ରହି ପଢ଼ିବା ବ୍ୟବସ୍ଥା କରାଇଥିଲେ। ଅନେକ ସମୟରେ ସୁଦୂର ଭୁବନେଶ୍ୱରକୁ ବିଭିନ୍ନ ପ୍ରତିଦ୍ୱନ୍ଦ୍ୱିତାମୂଳକ ପରୀକ୍ଷା ଦେବା ପାଇଁ କପ୍ତିପଦା ବ୍ଲକ ଓ ଠାକୁରମୁଣ୍ଡା ବ୍ଲକର ଆଦିବାସୀ ପିଲା ଯାଉଥିବାବେଳେ ସେ (ପାଣ୍ଡୁ ତିୟୁ) ତାଙ୍କର ଭୁବନେଶ୍ୱର ନିବାସରେ ସେମାନଙ୍କ ନିମନ୍ତେ ମାଗଣା ରହଣି ଓ ମାଗଣା ଖାଦ୍ୟ ନିମନ୍ତେ ବ୍ୟବସ୍ଥା କରିଥିଲେ। ୨୦୧୦-୧୧ରେ ହୋ ସମାଜର ସର୍ବପୁରାତନ ସାମାଜିକ-ସାଂସ୍କୃତିକ ସଂଗଠନ ସିଦାହରା ସୁସାର ଆକାଳାର ସେ ଜଣେ ସକ୍ରିୟ ସଦସ୍ୟା ଥିଲେ। ଉକ୍ତ ସଂଗଠନର କର୍ଣ୍ଣଧାର ହୋଇ ହୋ ଲୋକ ଜନଜାତିଙ୍କୁ ଏକତ୍ରିତ କରିବା ସହିତ କେନ୍ଦୁଝରର ଲୋକସଭାର ପୂର୍ବତନ ସାଂସଦ ଯଶୋବନ୍ତ ନାରାୟଣ ସିଂ ଲାଗୁରୀଙ୍କ ନିକଟବର୍ତ୍ତୀ ହୋଇ ନିରନ୍ତର ପ୍ରୟାସ ଦ୍ୱାରା ହୋ ଭାଷାକୁ ଓଡ଼ିଶା ସରକାରଙ୍କ ଆଦିବାସୀ ପରାମର୍ଶଦାତା କମିଟି ମାଧ୍ୟମରେ ଭାରତ ସମ୍ବିଧାନରେ ଅନ୍ତର୍ଭୁକ୍ତ କରାଇ ପାରିବାରେ ସଫଳ ହୋଇଥିଲେ। ହୋ ସାହିତ୍ୟ, ଭାଷା ଓ ସଂସ୍କୃତିର ପୁନରୁଦ୍ଧାର ତଥା ବିକାଶ କରିବା ପାଇଁ ସେ ନେଇଥିବା ପଦକ୍ଷେପ ଅତ୍ୟନ୍ତ ପ୍ରଶଂସନୀୟ। ତାଙ୍କର ବିୟୋଗରେ ସମଗ୍ର ଶରତ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।



### ମଦ୍ୟପ ଚାଳକଙ୍କ ବିରୋଧରେ କରଞ୍ଜିଆ ପୁଲିସର କଡ଼ା ଆଭିମୁଖ୍ୟ

## ଗୋଟିଏ ଦିନରେ ୫ ମାମଲା ରୁଜୁ

କରଞ୍ଜିଆ, ୧୮୬(ସମିସ):

ସଡ଼କ ଦୁର୍ଘଟଣା ହ୍ରାସ କରିବା ଓ ମଦ୍ୟପ ଅବସ୍ଥାରେ ଯାନବାହନ ଚାଳନାକ ରୋକିବା ଉଦ୍ଦେଶ୍ୟରେ କରଞ୍ଜିଆ ପୁଲିସ ପକ୍ଷରୁ ବ୍ୟାପକ ଯାଞ୍ଚ ଅଭିଯାନ ଜାରି ରହିଛି। ଏହି କ୍ରମରେ ଶନିବାର ସନ୍ଧ୍ୟାରେ କରାଯାଇଥିବା ବିଶେଷ ଚେକିଂ ସମୟରେ ୫ଟି ଡ୍ରିଙ୍କ ଆଣ୍ଡ ଡ୍ରାଇଭ ମାମଲା ଚିହ୍ନଟ ହୋଇଥିବାବେଳେ ସମ୍ପୃକ୍ତ ୫ ଜଣ ବାଇକ ଚାଳକଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି।

ସୂଚନାମୁତାବକ,କରଞ୍ଜିଆଥାନାପୁଲିସଓମୋଟର ଯାନ ବିଭାଗର ମିଳିତ ସହଯୋଗରେ ସାହାରପୋଡ଼ା ବାଇପାସ ଛକ ନିକଟରେ ବ୍ୟାପକ ଯାନବାହନ ଯାଞ୍ଚ କରାଯାଇଥିଲା। ଚେକିଂ ସମୟରେ ଅନେକ ଦୁଇଚକିଆ ଓ ଚାରିଚକିଆ ଯାନକୁ ଅଟକାଇ ଚାଳକଙ୍କ ଦଲିଲପତ୍ର ଯାଞ୍ଚ କରାଯିବା ସହିତ ବ୍ରେଥ ଆନାଲାଇଜର ମାଧ୍ୟମରେ ମଦ୍ୟପାନ ପରୀକ୍ଷା କରାଯାଇଥିଲା। ଏହି ଅଭିଯାନରେ ୫ ଜଣ ବାଇକ ଚାଳକ ମଦ୍ୟପ ଅବସ୍ଥାରେ ଗାଡ଼ି ଚାଳନା କରୁଥିବା ଧରାପଡ଼ିଥିଲେ। ପୁଲିସ ସେମାନଙ୍କ ବିରୋଧରେ ଡ୍ରିଙ୍କ ଆଣ୍ଡ ଡ୍ରାଇଭ ମାମଲା ରୁଜୁ କରିବା ସହିତ ସେମାନଙ୍କ ବାଇକ୍ ଜବତ କରିଥିଲା। ପରବର୍ତ୍ତୀ ସମୟରେ ଆଇନଗତ ପ୍ରକ୍ରିୟା ଅନୁସାରେ ନୋଟିସ ଜାରି କରାଯାଇଥିବାବେଳେ ଚାଳକମାନଙ୍କୁ ସେମାନଙ୍କ ପରିବାର ସଦସ୍ୟଙ୍କ ଜିମାରେ ଛାଡ଼ି ଦିଆଯାଇଥିଲା। ପୁଲିସ ସୂତ୍ରରୁ ପ୍ରକାଶ ଯେ, ଗତ ୧୦ ଦିନ ମଧ୍ୟରେ କରଞ୍ଜିଆ ଅଞ୍ଚଳରେ ୨୦ଟି ଡ୍ରିଙ୍କ ଆଣ୍ଡ ଡ୍ରାଇଭ ମାମଲା ରୁଜୁ ହୋଇଛି। ନିୟମିତ ଭାବେ ଚାଲିଥିବା ଏହି ଅଭିଯାନ ଯୋଗୁଁ ମଦ୍ୟପ ଚାଳକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଥିବାବେଳେ ସାଧାରଣ ଲୋକ ମଧ୍ୟ ଏହାକୁ ସ୍ୱାଗତ କରିଛନ୍ତି। ବିଗତ କିଛିମାସ ଧରି କରଞ୍ଜିଆ ଓ ଏହା ଆଖପାଖ ଅଞ୍ଚଳରେ ସଡ଼କ ଦୁର୍ଘଟଣା ସଂଖ୍ୟା ବଢ଼ି ଚାଲିଥିବାବେଳେ ଅନେକ କ୍ଷେତ୍ରରେ ମଦ୍ୟପ ଅବସ୍ଥାରେ ଗାଡ଼ି ଚାଳନା ଏହାର ପ୍ରମୁଖ କାରଣ ହୋଇଥିବା ଜଣାପଡ଼ିଛି। ଫଳରେ ନିରୀହ ଲୋକଙ୍କ ଜୀବନ ଯାଉଥିବା ସହିତ ଅନେକ ପରିବାର ଦୁର୍ଘଟଣାର ଶିକାର ହେଉଛନ୍ତି। ଏ ପରିସ୍ଥିତିକୁ ନଜରରେ ରଖି କରଞ୍ଜିଆ ପୁଲିସ ଓ ପରିବହନ ବିଭାଗ ପକ୍ଷରୁ ଯୁଗ୍ମ ଭାବେ କଡ଼ା ପଦକ୍ଷେପ ଗ୍ରହଣ କରାଯାଉଛି। ଏସଡିପିଓ ନବକୃଷ୍ଣ ନାୟକଙ୍କ ନେତୃତ୍ୱରେ କରଞ୍ଜିଆ ଥାନା ଅଧିକାରୀ ଓ ପୁଲିସ କର୍ମଚାରୀ ଏହି ସ୍ୱତନ୍ତ୍ର ଅଭିଯାନରେ ସାମିଲ ହୋଇଥିଲେ। ଆଗାମୀ ଦିନରେ ମଧ୍ୟ ଏଭଳି ଯାଞ୍ଚ ଅଭିଯାନ ଅଧିକ କଡ଼ାକଡ଼ି ସହ ଜାରି ରହିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ପୁଲିସ ସାଧାରଣ ଜନତାଙ୍କୁ ମଦ୍ୟପାନ କରି ଗାଡ଼ି ନ ଚାଳାଇବା, ଟ୍ରାଫିକ ନିୟମ ମାନିବା ଓ ନିଜ ସହ ଅନ୍ୟମାନଙ୍କ ଜୀବନ ସୁରକ୍ଷିତ ରଖିବା ପାଇଁ ଆହ୍ୱାନ ଜଣାଇଛି। ମଦ୍ୟପାନ କରି ଯାନ ଚାଳନା କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଗାମୀ ଦିନରେ ଆହୁରି କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ସ୍ପଷ୍ଟ କରିଛି।

**୧୦ ଦିନରେ ୨୦ ମାମଲା**

## ସାନ୍ତାଳୀ ଭାଷାର ବିକାଶ ନେଇ ରାଜ୍ୟସ୍ତରୀୟ ଆଲୋଚନାଚକ୍ର

# ଓଡ଼ିଶାରେ ସାନ୍ତାଳୀ ଭାଷାକୁ ସରକାରୀ ମାନ୍ୟତା ନେଇ ଉଦ୍‌ବେଗ

ବାରିପଦା, ୧।୬(ସମିସ): ନିଖିଳ ଓଡ଼ିଶା ସାନ୍ତାଳୀ ସ୍ନାତକୋତ୍ତର ଛାତ୍ର ସଂଘ ପକ୍ଷରୁ ସାନ୍ତାଳୀ ଭାଷା, ସାହିତ୍ୟ ଓ ଶିକ୍ଷାର ସାମଗ୍ରିକ ବିକାଶ ସମ୍ବନ୍ଧୀୟ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ବାରିପଦାର ଲାୟନ କ୍ଲବ୍‌ଠାରେ ଅନୁଷ୍ଠିତ ହୋଇଛି। ଏହି ଆଲୋଚନାଚକ୍ରରେ ରାଜ୍ୟର ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ଭାଷାଭିତ୍ତିକ ସଂଗଠନର ପ୍ରତିନିଧି ଯୋଗଦେଇ ସାନ୍ତାଳୀ ଭାଷାର ବର୍ତ୍ତମାନ ସ୍ଥିତି ଓ ଭବିଷ୍ୟତ ଦିଗ ଓ ରାଜ୍ୟ ସରକାରଙ୍କ ମାନ୍ୟତା ଉପରେ ନିଜ ମତାମତ ଉପସ୍ଥାପନ କରିଥିବାବେଳେ ରାଜ୍ୟରେ ସାନ୍ତାଳୀ ଭାଷାକୁ ସରକାରୀ ମାନ୍ୟତା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି।



**■ ଯୋଗଦେଲେ ରାଜ୍ୟର ୬୦ଟି ସଂଗଠନ**

ଉଦ୍‌ଘାଟନୀ ଅଧିବେଶନରେ ପଦ୍ମଶ୍ରୀ ଡଃ ଦମୟନ୍ତୀ ବେଶ୍ରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ କେନ୍ଦ୍ର ସାହିତ୍ୟ ଏକାଡେମୀର ସାନ୍ତାଳୀ ଭାଷାର ଆବାହକ ଚୈତନ୍ୟ ପ୍ରସାଦ ମାଝୀ ଓ ମିଶନ ଅଲଚିକି-୨୦୨୫ର ପରାମର୍ଶଦାତା ମାଙ୍ଗାତ ମୁର୍ମୁ, ଅବସରପ୍ରାପ୍ତ ଆଇଆରପିଏସ ମେଘରାୟ ମୁର୍ମୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦିନବ୍ୟାପୀ ଏହି କାର୍ଯ୍ୟକ୍ରମରେ ଚାରୋଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଅଧିବେଶନରେ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନାତି ଚୁନିଅନ ରଘୁ ମୁର୍ମୁ, ସାହିତ୍ୟ ଏକାଡେମୀର ପୂର୍ବତନ ଆବାହକ ମଦନମୋହନ ସୋରେନ, ସର୍ବଭାରତୀୟ ସାନ୍ତାଳୀ ଲେଖକ ସଂଘ ଓଡ଼ିଶା ସମ୍ପାଦକ ଅର୍ଜୁନ ମାର୍ଣ୍ଡି, ନୋହା ଟ୍ରଷ୍ଟର ଅଧ୍ୟକ୍ଷ ବାଘରାୟ ଚରଣ ହେମ୍ବ୍ରମ, ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଡ. ଯତୀନ୍ଦ୍ର ନାଥ ବେଶ୍ରା, ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ, ରତିକାନ୍ତ ମାଝୀ, ଚମ୍ପାବତୀ ହାଁସଦା, ସହକାରୀ ଅଧ୍ୟାପକ ଡଃ ସାଉନା ମାଝୀ, ଅଧ୍ୟାପକ ଆଦିମ ମାର୍ଶାଲ ମାଇସା ଠାକୁର ମୁର୍ମୁ ଓ ଆର୍‌ ଅଶ୍ୱନୀ ବଞ୍ଜନ ମୁର୍ମୁ, ନାରାୟଣ ମୁର୍ମୁ, ସାନ୍ତାଳୀ ରିସର୍ଚ୍ଚ ଫାଉଣ୍ଡେସନର ପ୍ରତିଷ୍ଠାତା ଚନ୍ଦ୍ର ମୋହନ ମୁର୍ମୁ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ୬୦ଟି ସଂଗଠନ ଯୋଗ ଦେଇଥିଲେ। ଦୀର୍ଘଦିନ ଧରି ସାନ୍ତାଳୀ ଭାଷାକୁ ଭାଷାଗତ ସଂଖ୍ୟାଲଘୁ ମାନ୍ୟତା ଓ ଦ୍ୱିତୀୟ ରାଜଭାଷାର ମର୍ଯ୍ୟାଦା ପ୍ରଦାନ ଦାବି ରାଜ୍ୟ ସରକାରଙ୍କ ନିକଟରେ ବିଭିନ୍ନ ସମୟରେ ଉପସ୍ଥାପିତ ହୋଇଆସୁଥିଲେ ମଧ୍ୟ ଏହି ପ୍ରସଙ୍ଗରେ ସରକାରଙ୍କ ପକ୍ଷରୁ କୌଣସି ସକାରାତ୍ମକ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳସ୍ୱରୂପ ସାନ୍ତାଳୀ ଭାଷାର ଶିକ୍ଷା, ପ୍ରଶାସନିକ ବ୍ୟବହାର ଓ ଭାଷାଭିତ୍ତିକ ବିଭିନ୍ନ ସୁବିଧା ଓ ସୁଯୋଗରୁ ସାନ୍ତାଳୀ ଭାଷାଭାଷୀ ସମ୍ପ୍ରଦାୟ ବଞ୍ଚିତ ହୋଇରହିଛନ୍ତି। ଆଲୋଚନାରେ ଉଲ୍ଲେଖ କରାଯାଇଥିଲା ଯେ, ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟରେ ସାନ୍ତାଳୀ ଭାଷା ଦ୍ୱିତୀୟ ସରକାରୀ ଭାଷାର ମାନ୍ୟତା ପାଇଥିବାବେଳେ ପଶ୍ଚିମବଙ୍ଗରେ ଏହା ଉଭୟ ଦ୍ୱିତୀୟ ସରକାରୀ ଭାଷା ଓ ଭାଷାଗତ ସଂଖ୍ୟାଲଘୁ ଭାଷା ଭାବେ ସ୍ୱୀକୃତି ଲାଭ କରିଛି। କିନ୍ତୁ ଓଡ଼ିଶାରେ ସରକାର ପରିବର୍ତ୍ତନ ପରେ ମଧ୍ୟ ଏହି ଦିଗରେ ଆଶାନୁରୂପ କୌଣସି ଅଗ୍ରଗତି ପରିଲକ୍ଷିତ ହେଉନାହିଁ।

୨୦୨୩ରେ ରାଜ୍ୟ ସରକାର ସାନ୍ତାଳୀ ଭାଷା ସମ୍ପର୍କିତ ଏକ ବିଶେଷଜ୍ଞ କମିଟି ଗଠନ କରିଥିଲେ। କମିଟି ତାହାର ସୁପାରିଶରେ ସାନ୍ତାଳୀ ଭାଷାକୁ ଭାଷାଗତ ସଂଖ୍ୟାଲଘୁ ମାନ୍ୟତା ପ୍ରଦାନ ସପକ୍ଷରେ ମତ ପ୍ରକାଶ କରିଥିଲା। ଏହି ସୁପାରିଶ ଉପରେ ଏ ପର୍ଯ୍ୟନ୍ତ କୌଣସି ଠୋସ ଅଗ୍ରଗତି ହୋଇ ନ ଥିବାରୁ ଅତିଥିମାନେ ଗଭୀର ଉଦବେଗ ଓ ଦୁଃଖ ପ୍ରକାଶ କରିଥିଲେ। ବିଭିନ୍ନ ସଂଗଠନର ପ୍ରତିନିଧି ଏକ ସମନ୍ୱୟ କମିଟି ଗଠନ କରି ସରକାରଙ୍କ ନିକଟରେ ସାନ୍ତାଳୀ ଭାଷାର ନ୍ୟାୟସଙ୍ଗତ ଦାବି ଦୃଢ଼ତାର ସହ ଉପସ୍ଥାପନ କରିବା ଓ ଏହାର ଶୀଘ୍ର କାର୍ଯ୍ୟକାରିତା ପାଇଁ ସମନ୍ୱିତ ଭାବେ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିଲେ। ସଂଘର ସଭାପତି ବିକ୍ରମ ବେଶ୍ରା, ଦୁଃଖୁ ମାରାଣ୍ଡି, ଚାମ୍ପାଇ ମୁର୍ମୁ, ସାଲଗେ କିସ୍କୁ, ଶ୍ରୀରାମ ଟୁଡୁ, ମଦନ ହେମ୍ବ୍ରମ, ମୀନତି ମାରାଣ୍ଡି, ସୁମିତ୍ରା ଟୁଡୁ, ମନସା ମୋହନ ହେମ୍ବ୍ରମ, ସନେର ସିଂ ହାଁସଦା, ବିଦ୍ୟୁତପ୍ରଭା ହାଁସଦା, ସିମଲ ସୋରେନ, ବିଷ୍ଣୁ ହାଁସଦା, ପଞ୍ଚୁ ଟୁଡୁ, ଜମୁନା ଟୁଡୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସାଟେଲାଇଟ ବ୍ୟବସ୍ଥା ଚାଷୀଙ୍କ ପାଇଁ କାଳ



ଗୋପବନ୍ଧୁନଗର/ଉଦଳା, ୧।୬(ସମିସ): ଚାଷ ଓ ଚାଷୀଙ୍କ ଉନ୍ନତି ପାଇଁ ସରକାର ଯୋଜନା କରୁଥିଲେ ହେଁ ସାଟେଲାଇଟ ବ୍ୟବସ୍ଥା ଚାଷୀଙ୍କୁ ସର୍ବସ୍ୱାନ୍ତ କରିଛି। ଏହା ରବୀନ୍ଦ୍ର ନାଥ ରାଉତଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ଗୋପବନ୍ଧୁନଗର ବ୍ଲକ ତରଡ଼ାଶୋଳ ଗ୍ରାମର ଚାଷୀ ରବୀନ୍ଦ୍ର ୩ଠି ପ୍ଲଟ୍‌ରେ ରବିଧାନ ଚାଷ କରିଥିଲେ। ନିଜ ବୋରିଂରୁ ବିଦ୍ୟୁତ୍ ଖର୍ଚ୍ଚ କରି ପାଣି ମଡ଼ାଇ, ସାର ଓ ଔଷଧ ପ୍ରୟୋଗ କରି ଧାନ ଫସଲ କରିଥିଲେ। ପଶୁଦା ଲ୍ୟାମ୍ପରେ ଧାନ ବିକ୍ରି କରିବା ପାଇଁ ଅନଲାଇନ ପଞ୍ଜୀକରଣ କରିଥିଲେ। ମାତ୍ର କଳ ହୋଇଛି ସାଟେଲାଇଟ ବ୍ୟବସ୍ଥା। ଦୁଇଟି ପ୍ଲଟରୁ ଗୋଟିଏ ଅଣଚାଷ ଦେଖାଉଥିବାବେଳେ ଅନ୍ୟଟି ସମ୍ପୂର୍ଣ୍ଣ ଭାବେ ସରକାରଙ୍କ ଖାତାରୁ ଉଭାନ ହୋଇଯାଇଛି। ଏଣେ ସରକାରଙ୍କ କ୍ରପ୍ କଟିଂ ବିଭାଗ ଆସି ତିନୋଟି ପ୍ଲଟର ଧାନ ଚାଷ ହୋଇଥିବା ପ୍ରମାଣ ଦେଇ କ୍ରପ କଟିଂ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିସାରିଲେଣି। ଚାଷୀ ଶ୍ରୀ ରାଉତଙ୍କୁ ଗୋଟିଏ ପ୍ଲଟରୁ ମାତ୍ର ୧୭ କ୍ୱିଣ୍ଟାଲ ୨୮ କିଲୋଗ୍ରାମ ଧାନ ବିକ୍ରି ପାଇଁ ଅନୁମତି ମିଳିଥିବାରୁ ସେ ସିଏସ୍‌ଓ ଅଫିସ ଓ ଲ୍ୟାମ୍ପସକୁ ଧାଇଁ ଧାଇଁ ନୟାନ୍ତ ହେଲେଣି। ବହୁ ଖର୍ଚ୍ଚ କରି ଜମିରେ ଫଳାଇଥିବା ଧାନକୁ ସରଜମିନ ତଦନ୍ତ କରି ଧାନ କରାଯିବାକୁ ଦାବି କରିଛନ୍ତି।

# ଜିଲ୍ଲାସ୍ତରୀୟ କୁଡୁମୀ ମେଧାବୀ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ଉତ୍ସବ

ବାରିପଦା, ୧।୬(ସମିସ): ବାରିପଦା କୁଡୁମାଲୀ କାଲଚରାଲ ଆସୋସିଏସନ ଆନୁକୂଲ୍ୟରେ ମ୍ୟାଟ୍ରିକ, +୨ ଓ +୩ ଛାତ୍ରଛାତ୍ରୀଙ୍କ ଜିଲ୍ଲାସ୍ତରୀୟ ମେଧାବୀ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆସୋସିଏସନର ସଭାପତି ଡ. ଭକ୍ତହରି ମହାନ୍ତଙ୍କ ପୌରୋହିତ୍ୟ ଓ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତଙ୍କ ସଂଯୋଜନାରେ ରୋଟାରୀ କ୍ଲବ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ପୁରସ୍କାର, ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ ହୋଇଥିବା ଛାତ୍ରଛାତ୍ରୀ +୨ର ପ୍ରିନ୍ସପ୍ରିୟା ମହାନ୍ତ, ଶ୍ରୁତି ମହାନ୍ତ, ସ୍ନିଗ୍ଧା ମଞ୍ଜରୀ ମହାନ୍ତ ଓ ଖୁସ୍ କିରନ ମହାନ୍ତ। ଦଶମ ବୋର୍ଡ ପରୀକ୍ଷା ଛାତ୍ରଛାତ୍ରୀ ପାର୍ଥସାରଥୀ ମହାନ୍ତ, କୃତିକୃଷ୍ଣ ମହାନ୍ତ, ତପନ କୁମାର ମହାନ୍ତ ଓ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ +୩ ଓଡ଼ିଆ ବିଭାଗ ଟପ୍ପର ଶିବାନୀ ମହାନ୍ତ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ସିଡିଏମଓ ଡା. ତ୍ରିଲୋଚନ ମହାନ୍ତ, ସ୍ୱତନ୍ତ୍ର ଅତିଥି ଭାବେ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗ ପ୍ରଫେସର ଡ ବସନ୍ତ କୁମାର ମହାନ୍ତ, ବାଇଗଣବାଡ଼ିଆ ବିବି କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ଜ୍ୟୋତିନ୍ଦ୍ର ନାଥ ସିଂଦେବ ସଚ୍ଚିନ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଗଣେଶ୍ୱର ମହାନ୍ତ, ଯୁବ ସମାଜସେବୀ ବେଣୁଧର ମହାନ୍ତ, ପିସିଆଇ ଆଇଟିଆଇର ପ୍ରାକ୍ତନ ଅଧ୍ୟକ୍ଷ ହରିଭକ୍ତ ମହାନ୍ତ, ଓକିଲ ସଂଘ କୋଷାଧ୍ୟକ୍ଷ ଆଇନଜୀବୀ ପଦ୍ମଲୋଚନ ମହାନ୍ତ, ତୁଳସୀଚୌରା ସରସ୍ୱତୀ ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସୁଧୀର ମହାନ୍ତ, ଇଂ ପ୍ରଦୀପ ମହାନ୍ତ, ଉପଦେଷ୍ଟା ଡ ପ୍ରଭାତ ମହାନ୍ତ, ଡ ବିଶ୍ୱରଞ୍ଜନ ମହାନ୍ତ, ଇଂ ଯୁଧିଷ୍ଠିର ମହାନ୍ତ, ସଂଗଠକ ସତ୍ୟନାରାୟଣ ମହାନ୍ତ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମନଦେଇ ପାଠପଢ଼ି ସମାଜର ଉଚ୍ଚତମ ସୋପାନକୁ ଯିବାକୁ ଉପଦେଶ ଦେଇଥିଲେ। ଝୁମର ରାଣୀ ବିଦ୍ୟୁମତୀ ମହାନ୍ତ ଓ ଝୁମର ସଙ୍ଗୀତଜ୍ଞ ଜଗଦୀଶ ଚନ୍ଦ୍ର ମହାନ୍ତଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଝୁମର ପରିବେଷଣ କରାଯାଇଥିଲା। ଏ ଅବସରରେ ୨ ଜଣ ବରିଷ୍ଠ ନାଗରିକ ଅବସରପ୍ରାପ୍ତ ସିଡିଏମ୍ ତ୍ରିଲୋଚନ ମହାନ୍ତ ଓ ଜାତୀୟ କ୍ରୀଡ଼ାବିତ୍ ତଥା ଝୁମର ସଙ୍ଗୀତଜ୍ଞ ଅବସରପ୍ରାପ୍ତ ପୁଲିସ ଇନ୍ସପେକ୍ଟର ପତିଚରଣ ମହାନ୍ତଙ୍କୁ ସଂଗଠନ ପକ୍ଷରୁ କୁଡୁମୀ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶେଷରେ ପଟେଲ ମହାନ୍ତ ଧନ୍ୟବାଦ ଦେଇଥିଲେ।



## ରମେଶ ପୃଷ୍ଟିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଉଦଳା, ୧।୬(ସମିସ): ଉଦଳା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ମୁଖ୍ୟ କିରାଣି ରମେଶ ଚନ୍ଦ୍ର ପୃଷ୍ଟିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ସ୍ଥାନୀୟ ସନ୍ଧାନୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୩୮ ବର୍ଷ ସରକାରୀ ଚାକିରି କରି ଯେଉଁଭଳି ଜନସାଧାରଣଙ୍କ ସେବା କରିଛନ୍ତି, ସେନେଇ ସମ୍ବର୍ଦ୍ଧନା ସଭାରେ ଅତିଥିମାନେ ଶ୍ରୀ ପୃଷ୍ଟିଙ୍କୁ ପ୍ରଶଂସା କରିଥିଲେ। ଏଥିସହ ସେବା କ୍ଷେତ୍ରରେ ରମେଶ ପୃଷ୍ଟିଙ୍କ ଅବଦାନ ଅତୁଳନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଏନଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ସମ୍ମାନିତ ଅତିଥି ଭାବେ ଡେପୁଟି କଲେକ୍ଟର ପ୍ରତୀକ କୁମାର ପଣ୍ଡା, ତହସିଲଦାର ସୁପ୍ରଭା ଦାସ, ଥାନା ଅଧିକାରୀ ବନମାଳୀ ବାରିକ, ବରିଷ୍ଠ ନାଗରିକ ସଂଘ ସଭାପତି ଡା. ସଚ୍ଚିଦାନନ୍ଦ ପରିଡ଼ା, ଉଦଳା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମରଜିତ୍ କର, ଓକିଲ ସଂଘ ସମ୍ପାଦକ ବସନ୍ତ ପରିଡ଼ା, ସମାଜସେବୀ ଶରତ ଦାଶ, ଶିକ୍ଷାବିତ୍ କିଶୋର ଦାସବାବୁ ପ୍ରମୁଖ ଯୋଗଦେଇ ଶ୍ରୀ ପୃଷ୍ଟିଙ୍କ କର୍ତ୍ତବ୍ୟ ନିଷ୍ଠା କାର୍ଯ୍ୟ ସମସ୍ତଙ୍କୁ ଦିଗଦର୍ଶନ ଦେବ ବୋଲି କହିଥିଲେ। ସମ୍ବର୍ଦ୍ଧନା ସଭାରେ ସ୍ଥାନୀୟ ଅଞ୍ଚଳର ବହୁ ଶିକ୍ଷାବିତ, ସରକାରୀ କର୍ମଚାରୀ, ଶ୍ରୀ ପୃଷ୍ଟିଙ୍କ ଆତ୍ମୀୟସ୍ୱଜନ ଯୋଗଦେଇ ତାଙ୍କୁ ଉତ୍ତରୀୟ, ମାନପତ୍ର, ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। କଣ୍ଠଶିଳ୍ପୀ ବିଶ୍ୱନାଥ ପଣ୍ଡା ଓ ତାଙ୍କ ସାଥୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସଂଘ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ରୋଟାରୀ କ୍ଲବ ସଦସ୍ୟ ପ୍ରହ୍ଲାଦ ଦାସ, ଅମୀୟ ବଳ, ସୁବ୍ରତ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ରବିକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବଡ଼ଚାଟରାରେ ଶିବ ମନ୍ଦିର ନିର୍ମାଣ ପାଇଁ ପ୍ରସ୍ତୁତି ବୈଠକ

ସାରସକଣା, ୧।୬(ସମିସ): ସାରସକଣା ବ୍ଲକ ଅନ୍ତର୍ଗତ ବଡ଼ଚାଟରା ଗ୍ରାମରେ ଭଗବାନ ଶିବ ଶଙ୍କରଙ୍କ ମନ୍ଦିର ନିର୍ମାଣ ପାଇଁ ଆଜି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର କେନ୍ଦ୍ରସ୍ଥଳ ହରିମଣ୍ଡପ ପ୍ରାଙ୍ଗଣରେ ଆୟୋଜିତ ବୈଠକରେ ଗ୍ରାମର ବରିଷ୍ଠ ଅଧିବାସୀ ଶିବ ପ୍ରସାଦ ସାହୁ ସଭାପତିତ୍ୱ କରିଥିଲେ। ବିରେନ୍ଦ୍ର ନାଥ ବଶା ପରିଚାଳନାରେ ଆୟୋଜିତ ବୈଠକରେ ଅନ୍ୟ ବରିଷ୍ଠ ଗ୍ରାମବାସୀ ସତ୍ୟକୃଷ୍ଣ ବଶା, ବିଶ୍ୱନାଥ ବଶା, ବୀଣାପାଣି ସାହୁ ଯୋଗ ଦେଇଥିଲେ। ବୈଠକରେ ବଡ଼ଚାଟରା, ଧାନଘେରି, ଚାଉଳଘେରି, ଶାଳବଣି ଆଦି ଗ୍ରାମର ଶତାଧିକ ଗ୍ରାମବାସୀ ଯୋଗଦେଇ ଗ୍ରାମର ପୂର୍ବ ପାର୍ଶ୍ୱରେ ଗ୍ରାମବାସୀ ଚିତ୍ତରଞ୍ଜନ ସାହୁଙ୍କ ପ୍ରଦତ୍ତ ଭୂମିରେ ଶିବ ମନ୍ଦିର ନିର୍ମାଣ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରିଥିଲେ। ମନ୍ଦିର ନିର୍ମାଣର ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି। କମିଟିର ସଭାପତି ଭାବେ ସ୍ୱାଧୀନ ସାହୁ, ଉପସଭାପତି ଭାବେ ମାନସ ପୃଷ୍ଟି, ସମୀର ବେହେରା, ଦୁର୍ଗାଚରଣ ମୁର୍ମୁ, ସମ୍ପାଦକ ଭାବେ ଅବସରପ୍ରାପ୍ତ ଶିକ୍ଷକ ହାଡ଼ିବନ୍ଧୁ ମହାନ୍ତ, ସହସମ୍ପାଦକ ପଦ୍ମନାଭ ସାହୁ, କୋଷାଧ୍ୟକ୍ଷ ଅଶୋକ କୁମାର ପୃଷ୍ଟି, ସଞ୍ଜୀବ କୁମାର ସାହୁ, ସୁଶାନ୍ତ ବାରିକ, ସଞ୍ଜୟ କୁମାର ସାହୁ, ତପନ ସାହୁ, ଦୟାନନ୍ଦ ସାହୁ, ଦେବନାରାୟଣ ପୃଷ୍ଟି, ବିଜୟ ମହାନ୍ତ ପ୍ରମୁଖଙ୍କୁ କାର୍ଯ୍ୟକାରୀ ସଦସ୍ୟ ଭାବେ ଭାବେ ମନୋନୀତ କରାଯାଇଛି। ଏତତ୍‌ବ୍ୟତୀତ ଉପଦେଷ୍ଟା ସମିତି ମଧ୍ୟ ଗଠନ କରାଯାଇଥିଲା। ଗ୍ରାମବାସୀଙ୍କ ଦୀର୍ଘଦିନର ଆଶା ଗାଁରେ ଏକ ଶିବ ମନ୍ଦିର ପ୍ରତିଷ୍ଠା ପୂର୍ଣ୍ଣ ହେବାକୁ ଯାଉଥିବାରୁ ସମସ୍ତ ଗ୍ରାମବାସୀ ଆନନ୍ଦ ପ୍ରକାଶ କରିବା ସହ ସହଯୋଗର ପ୍ରତିଶ୍ରୁତି ରଖିଥିଲେ। ଆସନ୍ତା ଶ୍ରାବଣ ମାସ ପୂର୍ବରୁ ଅକ୍ଷିତୃତୀୟାରେ ପୂଜନ ହୋଇଥିବା ଭୂମିରେ ମନ୍ଦିର ଭିତ୍ତି ଦିଆଯାଇ ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ କରିବାର ଲକ୍ଷ୍ୟ ରଖାଯାଇଛି। ମନ୍ଦିର ନିର୍ମାଣ ପାଇଁ ଆନୁମାନିକ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳ ରଖାଯାଇଛି। ଏହି ଅର୍ଥ ଗ୍ରାମବାସୀଙ୍କ ସ୍ୱେଚ୍ଛାକୃତ ଦାନ ଓ ପ୍ରବାସୀ ଗ୍ରାମବାସୀଙ୍କ ସହଯୋଗରେ ସଂଗ୍ରହ କରାଯିବ। ଅନ୍ୟତମ ବରିଷ୍ଠ ଗ୍ରାମବାସୀ ଆଶିଷ କୁମାର ବଶା ଧନ୍ୟବାଦ୍ ଅର୍ପଣ କରିଥିଲେ। ଆସନ୍ତା ୧୭ ତାରିଖରେ ଅନ୍ୟଏକ ବୈଠକ ଡକାଯାଇ ପାଣ୍ଠି ସଂଗ୍ରହ ଓ ମନ୍ଦିର ନକ୍ସା ପ୍ରସ୍ତୁତି, କାରିଗର ନିଯୁକ୍ତି ସମ୍ପର୍କରେ ଆଲୋଚନା ହେବ ବୋଲି ସ୍ଥିର କରାଯାଇଛି।



# ଖୋ ଖୋ ଓ ତୀରନ୍ଦାଜୀ ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ

ବାରିପଦା, ୧।୬(ସମିସ):ମୟୂରଭଞ୍ଜର ପ୍ରସିଦ୍ଧ ବେଲଗଡ଼ିଆ ପ୍ୟାଲେସ୍ ପରିସରରେ ଫ୍ୟୁଚର୍ ଷ୍ଟାର୍ ସ୍ପୋର୍ଟ୍ସ ଏକାଡେମୀ ଓ ମୟୂରଭଞ୍ଜ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଚାଲିଥିବା ୩୦ ଦିନିଆ ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ ହୋଇଯାଇଛି। ଗତ ମେ ମାସ ୫ ତାରିଖରୁ ଆରମ୍ଭ ହୋଇଥିବା ଏହି ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିରରେ ତୀରନ୍ଦାଜୀ ଓ ଖୋ-ଖୋ ଖେଳର ତାଲିମ ପ୍ରଦାନ କରାଯାଉଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜର ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଓ ସମ୍ମାନିତ ଅତିଥି ଭାବେ ରାଜଜେମା ଅକ୍ଷିତା ମଞ୍ଜରୀ ଭଞ୍ଜଦେଓ ଯୋଗଦେଇ ସଫଳ ଶିବିରାର୍ଥୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିବା ସହ କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିଥିଲେ। ଏଥିସହିତ ଟାଟା ଆର୍ଚେରୀ ଏକାଡେମୀର ବିଶିଷ୍ଟ କୋଚ୍ ପ୍ରେମ ପୂର୍ତ୍ତି ଓ ଫ୍ୟୁଚର୍ ଷ୍ଟାର୍ ସ୍ପୋର୍ଟସ୍ ଏକାଡେମୀର ଉପଦେଷ୍ଟା ସୋମନାଥ ସିଂହ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଉଭୟ ଶିବିର ସହ ଉଦଯାପନୀ କାର୍ଯ୍ୟକ୍ରମକୁ ଫ୍ୟୁଚର୍ ଷ୍ଟାର୍ ସ୍ପୋର୍ଟ୍ସ ଏକାଡେମୀର ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ ସଫଳତାର ସହ ପରିଚାଳନା କରିଥିଲେ। ଏହି ଗ୍ରୀଷ୍ମକାଳୀନ ଶିବିରରେ ସ୍ଥାନୀୟ ଅଞ୍ଚଳର ୩୫ ଜଣ ତୀରନ୍ଦାଜୀ ଓ ୪୦ ଜଣ ଖୋ -ଖୋ ଖେଳରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଆର୍ଚେରୀ କୋଚ୍ ତରଣୀସେନ ନାୟକ ଓ ଫୁଲମଣି ପାଲେୟା, ଖୋ-ଖୋ କୋଚ୍ ଅର୍ଜୁନ ସିଂ, ଘାସିରାମ ମାଝୀ ଓ କ୍ଷୀରୋଦ ହେମ୍ବ୍ରମ ପ୍ରମୁଖ ପ୍ରଶିକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଏକାଡେମୀର କର୍ମଚାରୀ ଚନ୍ଦନ ସିଂ, ରୋହିତ କୁମାର ନାୟକ, ରଞ୍ଜିତ ରାଉତଙ୍କ ସମେତ ସମସ୍ତ ସପୋର୍ଟିଂ ଷ୍ଟାଫ୍ ସହଯୋଗ କରିଥିଲେ। ଏ ଅବସରରେ ପ୍ରଥମଥର ପାଇଁ ଆୟୋଜିତ ହେବାକୁ ଥିବା ଜାତୀୟ ରଗ୍‌ବୀ ପ୍ରିମିୟର ଲିଗରେ ସ୍ଥାନ ପାଇଥିବା ପାର୍ବତୀ ହାଁସଦା, ସନ୍ଧ୍ୟାରାଣୀ ଟୁଡୁ ଓ ସୁନିତା ହାଁସଦାଙ୍କୁ ରାଜ ପରିବାର ପକ୍ଷରୁ ୫ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ମୟୂରଭଞ୍ଜ ମାଟିରୁ ଆଗାମୀ ଦିନରେ କିଭଳି ଜାତୀୟ ଓ ଆନ୍ତର୍ଜାତିକ ସ୍ତରର ସଫଳ ଖେଳାଳି ସୃଷ୍ଟି ହୋଇପାରିବେ, ସେଥିପାଇଁ ଏଭଳି ପ୍ରୟାସ ନିରନ୍ତର ଜାରି ରହିବ ବୋଲି ଏକାଡେମୀର ପ୍ରତିଷ୍ଠାତା ଶ୍ରୀ ଦାସ ପ୍ରକାଶ କରିଥିଲେ।



## ଏମ୍‌ପିସି ମହାବିଦ୍ୟାଳୟରେ ଇଗ୍ନୋର ଅଭିମୁଖୀକରଣ କାର୍ଯ୍ୟକ୍ରମ

ବାରିପଦା, ୧।୬(ସମିସ): ସ୍ଥାନୀୟ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟୟନ କେନ୍ଦ୍ରରେ ଚଳିତ ବର୍ଷ ଜାନୁଆରୀ ମାସରେ ନୂଆ କରି ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଅଭିମୁଖୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ଅଧ୍ୟକ୍ଷତା କରି ଇଗ୍ନୋର ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ଅଭିଭାଷଣ ରଖିଥିଲେ। ମୁଖ୍ୟଅତିଥି ଭାବେ ଇଗ୍ନୋ ରାଇରଙ୍ଗପୁରର ଆଞ୍ଚଳିକ ନିର୍ଦ୍ଦେଶକ ଡ ବଂଶୀଧର ବାରିକ ଯୋଗଦେଇ ଇଗ୍ନୋ କିଭଳି ଆର୍ଥିକ, ସାମାଜିକ କିମ୍ବା ଭୌଗୋଳିକ ବାଧାକୁ ଦୂର କରି ଛାତ୍ରଛାତ୍ରୀଙ୍କୁ ନିଜ ସ୍ୱପ୍ନ ପୂରଣ କରିବାର ସୁଯୋଗ ଦେଇଥାଏ, ସେ ବିଷୟରେ ସବିଶେଷ ସୂଚନା ପ୍ରଦାନ କରିଥିଲେ। ଏମ୍‌ପିସି କଲେଜ ଅଧ୍ୟୟନ କେନ୍ଦ୍ର ସଂଯୋଜକ ତଥା ଶିକ୍ଷା ବିଭାଗ ମୁଖ୍ୟ ଜ୍ଞାନେନ୍ଦ୍ର କୁମାର ନାଏକ ସଭା ପରିଚାଳନା କରିଥିବାବେଳେ ସହସଂଯୋଜକ ଡ. ପ୍ରିୟବ୍ରତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଗ୍ନୋ କାର୍ଯ୍ୟାଳୟର ପ୍ରେମ ପ୍ରସାଦ, ଆଶିଷ ମଣ୍ଡଳ, ଅନୀଲ ଦାସ ଅଧିକାରୀ, ବିଶ୍ୱମ୍ବର ମହାନ୍ତ, ଶୁଗୁ କ୍ରିଷ୍ଣା ରେଡ୍ଡୀ ଓ ରବୀନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ନୂତନ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।




## କୁଡୁମି ପଞ୍ଚାୟତ ସଭାପତିଙ୍କ ପରଲୋକ



ମହୁଲଡିହା, ୧।୬ (ସମିସ): ଠାକୁରମୁଣ୍ଡା ବ୍ଲକ କେଶଡିହା ଗ୍ରାମପଞ୍ଚାୟତ କୁଡୁମି ସଂଗଠନ ସଭାପତି ଜଗନ୍ନାଥ ମହାନ୍ତଙ୍କ ଅକାଳ ବିୟୋଗରେ ସଂଗଠନ ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି। ମୃତ୍ୟୁ ବେଳକୁ ତାଙ୍କ ବୟସ ୪୮ ବର୍ଷ ହୋଇଥିଲା। ତାଙ୍କର ଗୋଟିଏ ଅବିବାହିତ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ସେ ପାକସ୍ଥଳୀ କର୍କଟ ରୋଗରେ ଆକ୍ରାନ୍ତ ଥାଇ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁରେ ନିଜ ଗ୍ରାମ ମିଟୁଆଣୀ ସମେତ କେଶଡିହା ଗ୍ରାମପଞ୍ଚାୟତରେ ଶୋକ ପ୍ରକାଶ ପାଇଛି। ସଂଗଠନର ସେ ଜଣେ ସକ୍ରିୟ କର୍ମକର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ତାଙ୍କ ବିୟୋଗ ସଂଗଠନ ପ୍ରତି ଅପୂରଣୀୟ କ୍ଷତି ବୋଲି ସଭାପତି ଭାଗୀରଥି ମହାନ୍ତ, ବରିଷ୍ଠ କର୍ମକର୍ତ୍ତା ରାଧାଶ୍ୟାମ ମହାନ୍ତ ଗଭୀର ଶୋକ ବ୍ୟକ୍ତ କରିବା ସହ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।

# ଜିଲ୍ଲାସ୍ତରୀୟ ମାନସିକ ଅସୁସ୍ଥତା ଓ ଆଉଁରିଆ ବାତ ଚିକିତ୍ସା କର୍ମଶାଳା

ବାରିପଦା, ୧।୬(ସମିସ): ରବିବାର ବାରିପଦାସ୍ଥ ମୟୂରଭଞ୍ଜ ଆଥଲେଟିକ କନଫରେନ୍ସ ହଲରେ ମାନସିକ ଅସୁସ୍ଥତା ଓ ଆଉଁରିଆ ବାତ ଚିକିତ୍ସା ବାବଦରେ ସ୍ଥାନୀୟ ବ୍ୟବସ୍ଥା ଓ ଯୋଜନା ସମ୍ବନ୍ଧରେ ହ୍ୟାଣ୍ଡିକ୍ୟାପ ଇଣ୍ଟରନ୍ୟାସନାଲ ଓ ୟୁରୋପୀୟ ୟୁନିଅନ ସହାୟତାରେ ସ୍ଥାନୀୟ ସଂସ୍ଥା ସାଧନା ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ କାର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ସମ୍ମାନିତ ଅତିଥି ଭାବେ କୋଷ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ସିଦ୍ଧେଶ୍ୱର ମାରାଣ୍ଡି, ବିପିଏମ ସୁଜାତା ଦାସ, ଫାର୍ମାସିଷ୍ଟ ମୀନକେତନ ଧଳ, କେସିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ମହେଶ୍ୱର ମାଝି, ଫାର୍ମାସିଷ୍ଟ ସାଗର ପଟ୍ଟନାୟକ, ସ୍ଥାନୀୟ ସଂସ୍ଥା ସାଧନାର ନିର୍ଦ୍ଦେଶକ ପ୍ରଭାକର ସାହୁ ଓ ପ୍ରୋଗ୍ରାମ ମ୍ୟାନେଜର ସମୀରଣ ଘୋଷ ଯୋଗଦେଇ ବାରିପଦା ଓ ଶୁଳିଆପଦା ବ୍ଲକର ଯତ୍ନକାରୀ ସଦସ୍ୟ, ମାନସିକ ଅସୁସ୍ଥତା ଓ ଆଉଁରିଆ ବାତ ଦ୍ୱାରା ଆକ୍ରାନ୍ତ ବ୍ୟକ୍ତି, ଭିନ୍ନକ୍ଷମ ସଦସ୍ୟ, ଆଶା କର୍ମୀ, ଗ୍ରାମ ସମ୍ବଳ ସମୂହ ସ୍ୱେଚ୍ଛାସେବୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକର୍ମରେ ସମସ୍ତ ଅତିଥି ମାନସିକ ରୋଗୀ ଓ ଆଉଁରିଆ ବାତ ରୋଗର ଲକ୍ଷଣ, ଏହାର ନିରାକରଣ ଓ ଚିକିତ୍ସା କେମିତି କରାଯାଇପାରିବ, ସେ ବିଷୟରେ କହିଥିଲେ। ଏହାସହିତ ବିନା ମୂଲ୍ୟରେ ଔଷଧ, ସ୍ୱାସ୍ଥ୍ୟ ଉପରେ ସରକାରୀ ଯୋଜନା ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନା କରିଥିଲେ। ଏହି ରୋଗର ଚିକିତ୍ସା ପାଇଁ ନିୟମିତ ଓ ଦୀର୍ଘ ସମୟ ପର୍ଯ୍ୟନ୍ତ ଔଷଧ ସେବନ କରିବା ଆବଶ୍ୟକ ବୋଲି ଗୁରୁତ୍ୱାରୋପ କରିଥିଲେ। ଉପସ୍ଥିତ ସମସ୍ତ ମାନସିକ ରୋଗୀଙ୍କ ଅଭିଭାବକ ଓ ଆଶା କର୍ମୀ ଯେଉଁସବୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଓ ସମାଜରେ ଥିବା ଭ୍ରାନ୍ତ ଧାରଣା, ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ ବିଭାଗରୁ ଔଷଧ ଆଣିବାରେ ଅସୁବିଧା ଇତ୍ୟାଦି ସମସ୍ୟା ଜଣାଇଥବାବେଳେ ଏହି ଔଷଧ କିପରି ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଲବ୍ଧ କରାଯାଇପାରିବ, ସେ ବାବଦରେ ଦାବି ଉପସ୍ଥାପନ କରିଥିଲେ।

ଉଭୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ମତ ରଖିଥିଲେ ଯେ ଆଶା କର୍ମୀ କିମ୍ବା ସ୍ଥାନୀୟ ସଂସ୍ଥା ସାଧନା ଦ୍ୱାରା କେଉଁ ଔଷଧ କେତେ ପରିମାଣର ଆବଶ୍ୟକ ରହିଛି, ସେହି ତଥ୍ୟ ସହ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ସେମାନଙ୍କୁ ଅବଗତ କରାଇପାରିଲେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ସବୁ ଔଷଧ ଉପଲବ୍ଧ କରାଯାଇପାରିବ। ଶେଷରେ ସମସ୍ତ ମାନସିକ ରୋଗୀଙ୍କ ଅଭିଭାବକ ଓ ଆଶା କର୍ମୀ ଏହି ବିଷୟରେ ନିଜ ନିଜ ମତ ସଂକ୍ଷିପ୍ତରେ ରଖିଥିଲେ ଓ ଆଶା କର୍ମୀ ମାନସିକ ରୋଗୀଙ୍କୁ ଔଷଧ ସେବନ ପାଇଁ ସାହାଯ୍ୟ କରିବେ ବୋଲି କହିଥିଲେ। ସାଧନାର ପ୍ରକଳ୍ପ ସଂଯୋଜିକା ସ୍ୱର୍ଣ୍ଣଜିତ ମହାପାତ୍ର ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।



# ଭତ୍ତା ଟଙ୍କା ନ ମିଳିବାରୁ ହିତାଧିକାରୀଙ୍କ ଧାରଣା

କାଳିପଦା,୧।୬ (ସମିସ): ବାଲିଆପାଳ ବ୍ଲକ ଜାମ କୁଣ୍ଡା ପଞ୍ଚାୟତର ଭତ୍ତା ପାଉଥିବା ହିତାଧିକାରୀ ମାନେ ଦୁଇ



ମାସ ହେବ ସେମାନଙ୍କ ଭତ୍ତା ଟଙ୍କା ପାଇ ନାହାଁନ୍ତି। ଫଳରେ ସେମାନେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପତ୍ର, ଔଷଧ ପତ୍ର ଆଦି କିଣି ପାରୁ ନାହାଁନ୍ତି। ପୂର୍ବରୁ ଭତ୍ତା ଟଙ୍କା ହିତାଧିକାରୀ ମାନେ ମାସକୁ ମାସ ନିୟମିତ ପାଉଥିଲେ। ଏନେଇ ସେମାନେ ସ୍ଥାନୀୟ ସରପଞ୍ଚଙ୍କୁ କହି ଆସିଥିଲେ ମଧ୍ୟ କୌଣସି ସୁଫଳ ମିଳି ନାହିଁ। ଚାରି ଆଡୁ ନିରାଶ ହେବା ପରେ ସେମାନେ ବାଧ୍ୟ ହୋଇ ସୋମବାର ବ୍ଲକକୁ ଆସି ଧାରଣା ଦେଇଥିଲେ। ବିଡ଼ିଓ ରାଧା ରଞ୍ଜନ ଦାସ ଇ - ସଂଯୋଗରେ କେତେକ ତ୍ରୁଟି ପାଇଁ ଭତ୍ତା ମିଳିବାରେ ବିଳମ୍ବ ହୋଇଛି ବୋଲି କହିବା ସହିତ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏ ବିଷୟରେ ଅବଗତ କରାଇବେ ବୋଲି ପ୍ରତି ଶ୍ରୁତି ଦେବାରୁ ହିତାଧିକାରୀ ମାନେ ଧାରଣାରୁ ଉଠିଥିଲେ। ଏହି ଧାରଣାରେ ମନୋରମା ପ୍ରାମାଣିକ, ସୁଭଦ୍ରା ଦାସ, ମିନତି ମହାକୁଡ଼,କନକ ଲତା ବେହେରା, ଜୟନ୍ତୀ ପ୍ରାମାଣିକ,ଚମ୍ପା ଗଙ୍ଗାଇ, ଶକୁନ୍ତଳା ମଙ୍ଗରାଜ, ଅନନ୍ତ କୁମାର ଦାସ, ଗଙ୍ଗାଧର ବାରିକ,ସୁମତି ପ୍ରଧାନ, ଗୌରାଙ୍ଗ ରଣା,ସୁମତି ସାହୁ, ବାସନ୍ତୀ ପ୍ରଧାନ, ଲକ୍ଷ୍ମୀଧର ସାହୁ ପ୍ରମୁଖ ସାମିଲ ହୋଇଥିଲେ। ଏହି ଉଦ୍ଦେଶ୍ୟରେ ହିତାଧିକାରୀ ମାନେ ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

## ଉପକୂଳ ଭିଟାମାଟି ସୁରକ୍ଷା କମିଟି ପକ୍ଷରୁ ବିଶାଳ ଜନସମାବେଶ

# ‘ମରିବୁ ପଛେ ଇଞ୍ଚେ ଭିଟାମାଟି ଛାଡ଼ିବୁ ନାହିଁ’

ଲଙ୍ଗଳେଶ୍ୱର/କାଳିପଦା, ୧।୬ (ସମିସ)

ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଜମ୍ପିରାଇ ପଞ୍ଚାୟତ ଅନ୍ତର୍ଗତ ମକର ପଡିଆ ଠାରେ ଉପକୂଳ ଭିଟା ମାଟି ସୁରକ୍ଷା କମିଟି ତରଫରୁ ବିଶାଳ ଜନ ସମାବେଶ ଏବଂ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅଞ୍ଚଳରେ ପେଟ୍ରୋକେମିକାଲ୍ସ କମ୍ପାନୀ ସମେତ ବିଭିନ୍ନ ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ପ୍ରଶାସନ ପକ୍ଷରୁ ସମୁଦ୍ର ଉପକୂଳବର୍ତ୍ତୀ ଶହ ଶହ ଏକର ସରକାରୀ ଜାଗକୁ ଉଚ୍ଛେଦ କରାଯିବା ଆଶଙ୍କା କରି ଆଜି ହଜାର ହଜାର ସଂଖ୍ୟାରେ ପୁରୁଷ ଏବଂ ମହିଳା ଏକତ୍ରିତ ହୋଇଛନ୍ତି। ମରିବୁ ପଛେ ଇଞ୍ଚେ ଭିଟାମାଟି ଛାଡିବୁ ନାହିଁ ବୋଲି ଶପଥ



ନେବା ସହ ମହିଳା ମାନେ ଶଙ୍ଖ ବଜାଇ ପ୍ରତିବାଦ କରିଥିଲେ। ଏଠାକାର ଲୋକେ ଧାନ, ପାନ, କାଜୁ, ନଡିଆ, ଚିନାବାଦାମ ଏବଂ ମତ୍ସ୍ୟ ଚାଷ ସମେତ ସମୁଦ୍ରରୁ ମାଛ ମାରି ଜିବୀକା ନିର୍ବାହ କରିବା ସହ ବାର୍ଷିକ ଲକ୍ଷାଧିକ ଟଙ୍କା ରୋଜଗାର କରିଥାନ୍ତି। ତେଣୁ ଏହି ଅଞ୍ଚଳ ରେ କୌଣସି ପ୍ରକାର ର କମ୍ପାନୀ କରାଇ ଦେବୁ ନାଂହି, ଯଦି ସରକାର ଚାହୁଁଛନ୍ତି ପର୍ଯ୍ୟଟନସ୍ଥଳୀ ର ବିକାଶ କରିବା ସହ ଦୀର୍ଘ ବର୍ଷ ଧରି ସରକାରୀ ଜାଗା ରେ ବସବାସ କରି ଆସୁଥିବା ପରିବାରକୁ ବନ୍ଦୋବସ୍ତ ଅଧିନିୟମ ଅନୁସାରେ ଜମି ପଟ୍ଟା ପ୍ରଦାନ କରନ୍ତୁ, ବିକାଶ ନାମ ରେ କମ୍ପାନୀ ପ୍ରତିଷ୍ଠା କରି ଅଞ୍ଚଳ ର ବିନାଶ ନ କରନ୍ତୁ ବୋଲି ସରକାର ଙ୍କୁ ଅନୁରୋଧ କରିଛନ୍ତି। କାର୍ଯ୍ୟକ୍ରମକୁ ଉପକୂଳ ଭିଟାମାଟି ସୁରକ୍ଷା କମିଟିର ସଦସ୍ୟ ମହେନ୍ଦ୍ର ବିଶ୍ୱାଳ, ସୁଶାନ୍ତ କୁମାର ସେନାପତି, ମୃତ୍ୟୁଞ୍ଜୟ ରାଉତ, ହରେକୃଷ୍ଣ ସେନାପତି, କମଳାକାନ୍ତ ଜେନା, ଶଚିନ୍ଦ୍ର ପାତ୍ର, ମନ୍ମଥ ଚକ୍ରବର୍ତ୍ତୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଫକୀରମୋହନ ସାହିତ୍ୟ ପରିଷଦ ପାଳିଲା ବ୍ରଜନାଥ ରଥଙ୍କ ପୁଣ୍ୟତିଥି

ବାଲେଶ୍ୱର,୧।୬ (ସମିସ): ପ୍ରଥିତଯଶା କବି ତଥା ଅନନ୍ୟ ସ୍ରଷ୍ଟା କବି ଡ଼ଃ ବ୍ରଜନାଥ ରଥଙ୍କ ଦ୍ୱାଦଶ ପୁଣ୍ୟତିଥୀ କବିତୀର୍ଥ ଶାନ୍ତିକାନନରେ ପାଳିତ ହୋଇଯାଇଛି। ବିଶିଷ୍ଟ କବୀ ଡ଼ଃ ମନୋରମା ବିଶ୍ୱାଳ



ମହାପାତ୍ର ମୁଖ୍ୟ ଅତିଥି ଭାବେ, ମୁଖ୍ୟ ବକ୍ତା ଭାବେ କବି ରଥଙ୍କର ପୁତ୍ରପ୍ରତିମ ସାରସ୍ୱତ ସାଧକ କବି ଡ଼ଃ କାଳିକିଙ୍କର ଦାସ ଯୋଗଦେଇ କବି ରଥଙ୍କ ଜୀବନ ସଂଗ୍ରାମ ଓ ସାରସ୍ୱତ ଯାତ୍ରା ସମ୍ପର୍କରେ ବହୁ ଉପାଦେୟ ତଥ୍ୟ ଉପସ୍ଥାପନ କଲେ। ସେ କହିଲେ ଯେ କବି ବ୍ରଜନାଥ ରଥ ଥିଲେ ମାନବୀୟ ମୂଲ୍ୟବୋଧ ଓ ମାନବବାଦର ସ୍ୱତନ୍ତ୍ର ସ୍ରଷ୍ଟା। ସଂସାରର ଦୁଃଖ, ଦୈନ୍ୟ, ଅନ୍ୟାୟ, ଅତ୍ୟାଚାରକୁ ତାଙ୍କ କବିତା ମାଧ୍ୟମରେ ପରିପ୍ରକାଶ କରି ସୁନ୍ଦର ସଂସାରର ସ୍ୱପ୍ନ ନିର୍ମାଣ କରୁଥିଲେ। ପରିଷଦ ସମ୍ପାଦକ ଡ଼ଃ ରତ୍ନାକର ସିଂହ କବି ରଥଙ୍କ ସମସ୍ତ କୃତି ଓ ସମ୍ମାନ ସବୁର ବିଶେଷ ବିବରଣୀ ପ୍ରଦାନ କରିବା ସହ ସେ ଯେ ବ୍ୟାସକବି ଫକୀରମୋହନଙ୍କ ଯଥାର୍ଥ ଦାୟାଦ- ଏକଥା ଉଲ୍ଲେଖ କରିଥିଲେ। ପରିଷଦର ସଭାପତି ଡ଼ଃ ସୁବାସ ଚନ୍ଦ୍ର ପାତ୍ର ତାଙ୍କର କବି ରଥଙ୍କ ସହିତ ସମ୍ପର୍କକୁ ଉପସ୍ଥାପନ କରି କହିଲେ ଯେ ବ୍ରଜବାବୁ ଆମ ସାରସ୍ୱତ ସଂସାରର ଯଥାର୍ଥ ମୁରବୀ। ମନୋଜ ଦାସ ଓ ବ୍ରଜନାଥ ରଥଙ୍କ ବନ୍ଧୁତ୍ୱକୁ ସ୍ମରଣ କରି ଡ଼ଃ ପାତ୍ର କହିଲେ ଯେ ଜୀବନର ଯଥାର୍ଥ ଭଲପାଇବା ଓ ବନ୍ଧୁତ୍ୱର ମୂଲ୍ୟ ଏମାନଙ୍କ ସମ୍ପର୍କ ଦେଖିଲେ ବୁଝିହୁଏ। ପରିଷଦ ଯୁଗ୍ମ ସମ୍ପାଦକ ରାଜେଶ ଗିରି ମଞ୍ଚ ଆହ୍ୱାନ କରିଥିଲାବେଳେ ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଶରତ କର ଓ ନିଳିମା କର ଫାଉଣ୍ଡେସନ ସଭାପତି ତଥା ପୂର୍ବତନ ଇନକମ ଟାକ୍ସ କମିଶନର ଶୋଭନ କର ସମେତ ରବି ନାରାୟଣ ଦାଶ, କବି ବିମଳ ଜେନା, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, କବି ହରିଶ୍ଚନ୍ଦ୍ର ବେହେରା, ଗାଳ୍ପିକା ପୁଷ୍ପାଞ୍ଜଳି ନାୟକ ଯୋଗ ଦେଇଥିଲେ। ବ୍ରଜନାଥ ରଥଙ୍କ ପରିବାରରୁ ତାଙ୍କ କନ୍ୟା ମନସ୍ୱିନୀ, ଓଜସ୍ୱିନୀ, ଜ୍ୱାଇଁ ମୃତ୍ୟୁଞ୍ଜୟ, ପୁତ୍ର ବ୍ୟୋମନାଥ, ବିଧୁନାଥ, ବ୍ରହ୍ମନାଥ, ପୁତ୍ରବଧୂ ଅନିତା, ସୌଭାଗିନୀ, ଅର୍ଚ୍ଚନା, ନାତୁଣି ଆନନ୍ଦିତା, ନାତୁଣୀ ଜ୍ୱାଇଁ ଅନୁରାଗ ଓ ନାତି ବହ୍ନିମାନ ପ୍ରମୁଖ ଯୋଗ ଦେଇଥିଲେ।

# ଚଢ଼େୟା ନାଟ ମାଧ୍ୟମରେ ଏସଆଇଆର୍ ସଚେତନତା

ବାଲେଶ୍ୱର,୧।୬(ସମିସ): ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା



ଅଭିଯାନ ଅବସରରେ "ମା ବାସନ୍ତୀ ଛଢେୟା ନାଟ’ ଦଳ ପକ୍ଷରୁ ଏକ ଚଢ଼େୟା ନାଟ ପରିବେଷଣ କରାଯାଇଥିଲା। ଦଳର ନେତୃତ୍ୱ ବିଶିଷ୍ଟ କଳାକାର ମଧୁସୂଦନ ନାୟକ କରିଥିଲେ। ଏହି ନାଟକ ମାଧ୍ୟମରେ ଏସ୍ଆଇଆର୍ ଅଭିଯାନର ବିଭିନ୍ନ ବାର୍ତ୍ତାକୁ ସରଳ ଏବଂ ମନୋରଞ୍ଜନାରକ ଢଙ୍ଗରେ ଉପସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ରହି ଦଳର କଳାତ୍ମକ ପରିବେଷଣକୁ ପ୍ରଶଂସା କରିଥିଲେ। "ମା ବସନ୍ତୀ ଛଢେୟା ନାଟ’ ଦଳର ସଦସ୍ୟମାନଙ୍କର ଜୀବନ୍ତ ଅଭିନୟ, ସୁନ୍ଦର ସଂଳାପ ଏବଂ ସାମାଜିକ ବାର୍ତ୍ତାଭିତ୍ତିକ ଉପସ୍ଥାପନା ଦର୍ଶକମାନଙ୍କୁ ବେଶ୍ ଆକର୍ଷିତ କରିଥିଲା।

# ବିର୍ଲା ଟାୟାର୍ସରେ ବାଲେଶ୍ୱର ଜିଲ୍ଲାର ୮୦ ଭାଗ ଯୁବବର୍ଗଙ୍କୁ ନିଯୁକ୍ତି ଦାବି



ବାଲେଶ୍ୱର,୧।୬ (ସମିସ): ପାଖାପାଖି ୨୫ ବର୍ଷ ଧରି ବାଲେଶ୍ୱର ର ଅର୍ଥନୀତି, ସାମାଜିକ ଚାଲିଚଳନ ତଥା ସମସ୍ତ କ୍ଷେତ୍ରକୁ ପ୍ରଭାବିତ କରି ରଖିଥିଲା ଜିଲ୍ଲାର ସର୍ବବୃହତ ଶିଳ୍ପସଂସ୍ଥା ବିର୍ଲା ଟାୟାର୍ସ। ବହୁ ପରିବାର ପ୍ରତିପୋଷଣ ହେବା ସହ ଜିଲ୍ଲାର ଅର୍ଥନୀତି ସମୃଦ୍ଧ ହେବାକୁ ଲାଗିଥିଲା। ମାତ୍ର କିଛିବର୍ଷ ତଳେ ସରକାରୀ ଉଦାସିନତା, କମ୍ପାନୀ କର୍ତ୍ତୃପକ୍ଷଙ୍କ ଖାମଖିଆଲି ମନୋଭାବ ତଥା ପରିଚାଳନାଗତ ତ୍ରୁଟିର ଶିକାର ହୋଇ ଉତ୍ତର ଓଡ଼ିଶାର ପ୍ରମୁଖ ଶିଳ୍ପସଂସ୍ଥା ବନ୍ଦ ହୋଇଗଲା। ଯାହା ଖାଲି ବାଲେଶ୍ୱରର ଅର୍ଥନୀତିକୁ କ୍ଷତିଗ୍ରସ୍ତ କଲାନାହିଁ ବରଂ ଏ ଜିଲ୍ଲାର ରାଜନୈତିକ ଗଣିତକୁ ମଧ୍ୟ ବିଗାଡ଼ିଦେଲା। ବିଶେଷ କରି ଗତ ୨୦୨୨ ନଭେମ୍ବର ମାସରେ କମ୍ପାନୀ ନୂଆ ନାମରେ ଡାଲମିଆ ଓ ହିମାଦ୍ରୀ କେମିକାଲର ଯୌଥ ପରିଚାଳନାରେ ଖୋଲିଛି। ହେଲେ ଦୁଃଖ ବିଷୟ ବାଲେଶ୍ୱର ଜିଲ୍ଲାରେ ଯେଉଁଭଳି ଭାବେ ବେକାରୀ ହାର ଓ ଦାଦନ ସମସ୍ୟା ବୃଦ୍ଧି ପାଉଛି। ଆଶା ଓ ବିଶ୍ୱାସ ଥିଲା ଏହାର ପରିମାଣ କମିବ କିନ୍ତୁ ନୂତନ ଭାବେ ଖୋଲିଥିବା କମ୍ପାନୀର କର୍ତ୍ତୃପକ୍ଷଙ୍କ ହେୟଜ୍ଞାନ ମନୋଭାବ ଏ ସମସ୍ୟାକୁ ଦ୍ୱିଗୁଣିତ କରିଛି ବୋଲି କହିଛନ୍ତି। ଏହାଛଡା ଲୋକଙ୍କ ସ୍ୱାର୍ଥ ଉପଲକ୍ଷେ କମ୍ପାନୀ କର୍ତ୍ତୃପକ୍ଷ ଜିଲ୍ଲାର ଶତକଡ଼ା ୮୦ ଭାଗ ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେବା ପ୍ରକ୍ରିୟା ଆରମ୍ଭ କରନ୍ତୁ ନଚେତ ଆଗାମୀ ଦିନରେ ଏକ ଜନ ଆନ୍ଦୋଳନ ସୃଷ୍ଟି କରାଯିବ। ଯାହା ଜିଲ୍ଲା ଶ୍ରମ କାର୍ଯ୍ୟାଳୟ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଅନ୍ତର୍ଭୁକ୍ତ କରି ଏକ ବିରାଟ ପଦଯାତ୍ରା କମ୍ପାନୀ ଫାଟକ ଅଭିମୁଖେ ବାହାରିବ ବୋଲି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ତେଣୁ ଏ ବୃହତ ଶିଳ୍ପସଂସ୍ଥାରେ ଜିଲ୍ଲାର ନିଯୁକ୍ତି ଭାଗ ଶତକଡ଼ା ୮୦ ଭାଗରୁ କମ ହେବା ଗ୍ରହଣ ଯୋଗ୍ୟ ନୁହଁ ବୋଲି ବୋଲି ମଧ୍ୟ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅଶ୍ୱନୀ ପ୍ରଧାନ, ଏସକେ ଅବଦୁଲ ଇକବାଲ, ରୂପକ ବେହେରା, ରଞ୍ଜନ କୁମାର ପାଣଗ୍ରାହୀ, ସୃଷ୍ଟିଧର ଜେନା, ସୁଶାନ୍ତ ରଣା,ମନୋଜ କୁମାର ନାଏକ,ସେକ ଅମିରୁଲ ହୋସେନ,ହିମାଂଶୁ ଦାସ,ଚିତରଞ୍ଜନ ନାୟକ,ଦିଲ୍ଲୀପ କୁମାର ପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଆସନ୍ତା ଜୁଲାଇ ମାସ ଠାରୁ ସେମାନଙ୍କର କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି।

# ବାଲେଶ୍ୱର ପୌରପାଳିକାରେ ପ୍ରଶାସନିକ ସ୍ଥାଣୁତା ଅଭିଯୋଗ

ବାଲେଶ୍ୱର,୧।୬(ସମିସ): ବାଲେଶ୍ୱର ପୌରପାଳିକାରେ ପ୍ରଶାସନିକ ସ୍ଥାଣୁତା ଯୋଗୁଁ ସରକାରୀ ଅନୁଦାନ ଅର୍ଥ ବିନିଯୋଗରେ ରାଜନୈତିକ ପାତରଅନ୍ତର ହେଉଥିବା ଅଭିଯୋଗ ଉଠାଇ ଜନସାଧାରଣଙ୍କ ମୌଳିକ ଅଧିକାରର ସୁରକ୍ଷା ତଥା ସହରର ବୃହତ ସ୍ୱାର୍ଥରକ୍ଷା ଦାବିରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି କାଉନସିଲର ମୀନା ମହାନ୍ତି। ସମ୍ପ୍ରତି ପୌର ପ୍ରଶାସନ ସାଧାରଣ ଜନତାଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରିବା ପରିବର୍ତ୍ତେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଦ୍ୱାରା ପରିଚାଳିତ ହେଉଥିବା ଶ୍ରୀମତୀ ଆରୋପ ଉଠାଇଛନ୍ତି। "ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା’ ସହିତ ଅନ୍ୟାନ୍ୟ ଜନକଲ୍ୟାଣକାରୀ ଯୋଜନା ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ଥିବା ସତ୍ତ୍ୱେ କେବଳ ମାତ୍ର ରାଜନୈତିକ ଉଦ୍ଦେଶ୍ୟ ରଖି ସମସ୍ତ ଉନ୍ନତିମୂଳକ ପ୍ରକଳ୍ପରୁ ୨୪ନଂ ୱାର୍ଡକୁ ବଂଚିତ କରାଯାଉଛି। ଏକ "ମିନି ପାର୍କ’ ନିର୍ମାଣ ନିମନ୍ତେ ପୌରପାଳିକା ପକ୍ଷରୁ କାର୍ଯ୍ୟାଦେଶ ଦିଆଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ ବିନାକାରଣରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବାକୁ କାର୍ଯ୍ୟାଦେଶ ପାଇଥିବା ଠିକାଦାରଙ୍କୁ ନିର୍ଦ୍ଦେଶ ଦେଉନାହାନ୍ତି। ବିଭାଗୀୟ ଅଧିକାରୀ ଉଦ୍ଦେଶ୍ୟମୂଳକ ଭାବେ ୨୪ନଂ ୱାର୍ଡର ଉନ୍ନତିମୂଳକ ପ୍ରକଳ୍ପଗୁଡ଼ିକରେ ବାଧା ଦେଉଛନ୍ତି।



ବାଲିଘାଟ ଭଳି ଏକ ଐତିହାସିକ ସ୍ଥଳୀରେ ଶ୍ମଶାନ ନିର୍ମାଣ ପାଇଁ ବିଗତ ସରକାରଙ୍କ ଅମଳର ଯୋଜନା ବାଟବଣା ହୋଇ ଯାଇଥିବା ବେଳେ ପ୍ରାୟ ଏକ କୋଟି ଟଙ୍କାର ସରକାରୀ ମଞ୍ଜୁର ଅନୁଦାନରେ ବାଲିଘାଟର ବିକାଶ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯାଉ ନଥିବା ଶ୍ରୀମତୀ ମହାନ୍ତି ଅଭଯୋଗ କରିଛନ୍ତି। ପୌରାଂଚଳରେ ବିପର୍ଯ୍ୟସ୍ତ ହୋଇ ପଡିଥିବା ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା ଯୋଗୁଁ ସମଗ୍ର ସହର ଅନ୍ଧାର ମଧ୍ୟକୁ ଚାଲିଯିବା ସ୍ଥିତି ଉପୁଜିଥିବା ବେଳେ ଦୁର୍ଘଟଣା ଓ ଅପରାଧିକ କାର୍ଯ୍ୟକଳାପ ଦିନକୁ ଦିନ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ବାଲେଶ୍ୱର ସହରର ଅନେକ ଗରିବ, ଅସହାୟ ବୃଦ୍ଧବୃଦ୍ଧା ଓ ଅବିବାହିତ ମହିଳାଙ୍କ ଏକମାତ୍ର ସାହାରା ବାର୍ଦ୍ଧକ୍ୟ ଓ ଅବିବାହିତ ଭତା ପାଇବା ଆଶା ପୂରଣରେ ପୌରପାଳିକା ନିଷ୍ଠୁର ମନୋଭାବ ପୋଷଣ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀମତୀ ମହାନ୍ତି ପ୍ରକାଶ କରିଛନ୍ତି। ବିରୋଧୀ ଦଳର ଜଣେ ନିର୍ବାଚିତ ମହିଳା ଜନପ୍ରତିନିଧି ହୋଇଥିବାରୁ ସର୍ବସାଧାରଣରେ ଅପମାନିତ ତଥା ହେୟଜ୍ଞାନ କରିବା ଉଦ୍ଦେଶ୍ୟରେ ୨୪ନଂ ୱାର୍ଡରେ ସମସ୍ତ ବିକାଶମୂଳକ ପ୍ରକଳ୍ପକୁ ଜାଣିଶୁଣି ଅଟକାଇ ରଖାଯାଇଛି ବୋଲି ଶ୍ରୀମତୀ ମହାନ୍ତି ଆରୋପ ଉଠାଇ ଏହାର ଆଶୁ ସମାଧାନ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି ଜଣାଇଛନ୍ତି। ବାଲେଶ୍ୱର ସହରର ଜନସାଧାରଣଙ୍କ ସ୍ୱାର୍ଥ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ପୌରପାଳିକାରେ ଚାଲିଥିବା ସମସ୍ତ ଅନିୟମିତତାର ତଦନ୍ତ ପାଇଁ ସ୍ମାରକପତ୍ର ମାଧ୍ୟମରେ ଏକ "ସ୍ୱତନ୍ତ୍ର ନିରପେକ୍ଷ କମିଟି’ ଗଠନ ଦିଗରେ ବିହିତ ପଦକ୍ଷେପ ନିମନ୍ତେ ସେ ନିବେଦନ କରିଛନ୍ତି।

# ସରକାରୀ ପ୍ରକଳ୍ପ କାର୍ଯ୍ୟ ବଣ୍ଟନରେ ଅନିୟମିତତା ଅଭିଯୋଗ

ଜଳେଶ୍ୱର, ୧।୬ (ସମିସ): ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ ସରକାରୀ ପ୍ରକଳ୍ପର କାର୍ଯ୍ୟ ଗୁଡ଼ିକୁ ଦଲାଲ ମାଧ୍ୟମରେ ବଣ୍ଟନ କରୁଥିବାର ଅଭିଯୋଗ ଶାସକ ଦଳର ନେତାମାନେ କରୁଥିବାର ଦେଖିବାକୁ ମିଳିଛି। ଯାହାକୁ ନେଇ ଜଳେଶ୍ୱର ବ୍ଲକ ପରିସରରେ ବିଡିଓ ଓ ନେତା ମାନଙ୍କ ମଧ୍ୟରେ ତୁ ତୁ ମେ ମେ ହେବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ବିଜେପି ନେତା ମାନଙ୍କ କହିବାନୁଯାୟୀ ଜଳେଶ୍ୱର ବିଡିଓ ସରକାରଙ୍କ ବିକଶିତ ଗାଁ, ବିକଶିତ ଓଡିଶା ପ୍ରକଳ୍ପ ଗୁଡ଼ିକୁ ବ୍ଲକର କିଛି ଦଲାଲମାନଙ୍କ ଦ୍ୱାରା ବଣ୍ଟନ କରୁଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷରେ ଉକ୍ତ ଯୋଜନାରେ ଖୁଦିଆ ମାଝିସାହି ଗ୍ରାମ ପଂଚାୟତର ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ୯,୯୦,୦୦୦ଟଙ୍କା ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦନ କରାଯାଇଛି। ଉକ୍ତ କାର୍ଯ୍ୟ ପାଇଁ ପ୍ରକଳ୍ପ ଦେଇଥିବା ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ମେ ମାସ ୧୮ ତାରିଖ ଦିନ ଫଳକ ନିର୍ମାଣ ପାଇଁ ସଂପୃକ୍ତ କାର୍ଯ୍ୟର କନିଷ୍ଠ ଯନ୍ତ୍ରୀ କହିଥିଲେ। ମାତ୍ର ପରବର୍ତ୍ତୀ ମୁହୂର୍ତ୍ତରେ କିଛି ଅସାଧୁ ବ୍ୟକ୍ତି ଉକ୍ତ ଫଳକକୁ ଭାଙ୍ଗି ଦେଇଥିଲେ। ଯାହାକୁ ନେଇ ଥାନାରେ ମାମଲା ପର୍ଯ୍ୟନ୍ତ ଯାଇଥିଲା। ମାତ୍ର ବିଡିଓ ଉକ୍ତ ପ୍ରକଳ୍ପ କାର୍ଯ୍ୟ କାହାରିକୁ ଦିଆଯାଇ ନାହିଁ ବୋଲି କହିବା ସହିତ ମାମଲା ନ କରିବାକୁ ଥାନାକୁ କହିଥିବାର ନେତା ମାନେ ଅଭିଯୋଗ କରିଛନ୍ତି। ଏଥିନେଇ ବିଡିଓ ଓ ବିଜେପି ନେତାମାନଙ୍କ ମଧ୍ୟରେ ବସିବାକୁ ନେଇ କିଛିଦିନ ଧରି ଛକାପଞ୍ଝା ଚାଲିଛି। ଶେଷରେ ଆଜି ବିଡିଓଙ୍କ କାର୍ଯ୍ୟାଳୟରେ ଯୁକ୍ତିତର୍କ ସହିତ ବିଜେପି ନେତାଙ୍କ ଉପରେ କେଶ କରିବାର ଧମକ ଦେବା ସହିତ ଅପମାନିତ କଲାଭଳି କଥାବାର୍ତ୍ତା କରିଛନ୍ତି ବୋଲି ବିଜେପି ନେତା ବିପ୍ଳବ ପ୍ରଧାନ, ବିଶ୍ୱରୂପ ଦାସ, ମଣ୍ଡଳ ସଭାପତି ଅନୁପ ପ୍ରଧାନ, ସଂଜୀବ ଜେନା, ସୁଶାନ୍ତ ଘୋଷ, ସଂଜୟ ଘୋଷ, ସଂଗ୍ରାମ ଜେନା, ରଂଜନ ସେଠୀ ପ୍ରମୁଖ ଜଣାଇଛନ୍ତି।

# ସାପ କାମୁଡ଼ାରେ ଚାଷୀ ଗୁରୁତର

ବାଲେଶ୍ୱର,୧।୬ (ସମିସ): ସଦର ବ୍ଲକ ନିଧିପଣ୍ଡା ଅଞ୍ଚଳର ଲେମ୍ବୁଧର ମହାଳିକ ନିଜ ବିଲରୁ କାମ ସାରି ଫେରୁଥିବା ସମୟରେ ଏକ ବିଷାକ୍ତ ସାପକୁ ନିଜ ଗୋଡ଼ରେ ମାଡି ଦେଇଥିଲେ। ଫଳରେ ସାପଟି ତାଙ୍କୁ କାମୁଡ଼ି ଦେଇଥିଲା। ସର୍ପାଘାତ ପରେ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ଗୁରୁତର ହେବାରୁ ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ତାଙ୍କର ଚିକିତ୍ସା ଚାଲିଛି।

# ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ସିମୁଳିଆ, ୩୧।୫ (ସମିସ): ଚନ୍ଦ୍ରପଡା ଗ୍ରାମର ଜୈନିକ ମହିଳାଙ୍କୁ ବିଷଧର ସାପ କାମୁଡିବାରୁ ମହିଳାଙ୍କ ମୃତ୍ୟୁ ଘଟିଛି। ସିମୁଳିଆ ଥାନା ଅନ୍ତର୍ଗତ ଈଶ୍ୱରପୁର ପଞ୍ଚାୟତର ଚନ୍ଦ୍ରପଡା ଗ୍ରାମର ରାଜେନ୍ଦ୍ର ମହାରଣା ମୟୂରଭଞ୍ଜ ଜିଲ୍ଲା ବାରିପଦାରେ କାଠ କାମ କାମ କରି ନିଜ ପରିବାର ପ୍ରତିପୋଷଣ କରୁଥିଲେ। ପରିବାର କହିଲେ ସ୍ତ୍ରୀ ଆରତୀ (୨୯)ବର୍ଷ, ବଡ଼ ଝିଅ ପୂଜା (୮)ବର୍ଷ, ମଝିଆ ଝିଅ ଲିଜା (୬)ବର୍ଷ ଓ ପୁଅ ପ୍ରଶାନ୍ତ ଏକ ବର୍ଷ । ସ୍କୁଲ ଛୁଟି ହେତୁ ପରିବାର ବର୍ଗଙ୍କୁ ବାରିପଦା ନେଇ ଯାଇଥିଲେ। ଗୁରୁବାର ଦିନ ରାତିରେ ଶୋଇଥିବା ଅବସ୍ଥାରେ ଏକ ବିଷଧର ସାପ ଆରତୀକୁ କାମୁଡି ଥିଲା। ଆରତୀକୁ ସଙ୍ଗେ ସଙ୍ଗେ ମେଡିକାଲକୁ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ଦିନ ରାତିରେ ମୃତ୍ୟୁ ହୋଇଥିଲା । ଆଜି ତାର ଶବକୁ ଚନ୍ଦ୍ରାପଡା ଗ୍ରାମରେ ଶୋକାକୁଳ ପରିବେଶରେ ଶବଦାହ କରାଯାଇଥିଲା। ତିନୋଟି ମା ଛେଉଣ୍ଡ ପିଲାଙ୍କୁ ନେଇ କିପରି ଶୁଦ୍ଧିକ୍ରିୟା ଓ ପରିବାର ପ୍ରତିପୋଷଣ କରିବେ ଚିନ୍ତାରେ ଭାଙ୍ଗି ପଡିଛନ୍ତି ରାଜେନ୍ଦ୍ର। ଏପରି ଅବସ୍ଥାରେ ନିଃସହାୟ ରାଜେନ୍ଦ୍ରକୁ ସରକାରୀ ଓ ବେସରକାରୀ ସ୍ତରରେ ସାହାଯ୍ୟର ହାତ ବଢାଇବାକୁ ନିବେଦନ କରିଛନ୍ତି ଗ୍ରାମବାସୀ।

# ଅବସରପ୍ରାପ୍ତ କୃଷି ଅଧିକାରୀଙ୍କ ବିୟୋଗ

ଜଳେଶ୍ୱର ବ୍ଲକ, ୧।୬ (ସମିସ) : ପୂର୍ବତନ ଜଳେଶ୍ୱର କୃଷି ଜିଲା ଅଧିକାରୀ ରାଜୀବ ଲୋଚନ ବେହେରାଙ୍କର ହୃଦଘାତରେ ପରଲୋକ ହୋଇଛି। ଜଳେଶ୍ୱର କୃଷି ଜିଲା ଅଧିକାରୀ ଭାବେ ୨୦୨୫ ଏପ୍ରିଲରେ ଅବସର ନେଇଥିଲେ। ସେ ଜଣେ କୃଷି ବିଶାରଦ, ପରୋପକାରୀ, ବନ୍ଧୁ ବତ୍ସଳ, ମିଷ୍ଟଭାଷୀ ମଣିଷ ଥିଲେ। ମୃତ୍ୟୁ ବେଳକୁ ତାଙ୍କ ସ୍ତ୍ରୀ ଓ ସମ୍ପର୍କୀୟ ଉପସ୍ଥିତ ଥିଲେ। ଜଗତସିଂହପୁର ଜିଲା କୁଜଙ୍ଗ ବ୍ଲକ ଗଣ୍ଡିଆ ଗାଁ ଶ୍ମଶାନରେ ପୁଅ ଯଶୋବନ୍ତ ମୁଖାଗ୍ନି ଦେଇଥିଲେ।

## ଜବରଦଖଲ ଉଚ୍ଛେଦ ଆଳରେ ବ୍ୟକ୍ତିଗତ ଜମିରେ ଦୋକାନ ଘର ଭଙ୍ଗା।

# ଜିଲ୍ଲାପାଳଙ୍କୁ କ୍ଷତିପୂରଣ ଦାବି କଲା ବାପ୍ଟିଷ୍ଟ ଚର୍ଚ୍ଚ ପ୍ରପର୍ଟି ଆସୋସିଏସନ

ବାଲେଶ୍ୱର,୧।୬(ସମିସ)

ବାଲେଶ୍ୱର ସହରରେ ଜବରଦଖଲ ଉଚ୍ଛେଦ ଆଳରେ ବ୍ୟକ୍ତିଗତ ମାଲିକାନା ଜମି ଉପରେ ଥିବା ଦୋକାନ ଘର ଭଙ୍ଗା ଯିବା ପରେ ଜିଲ୍ଲା ପ୍ରଶାସନର କାର୍ଯ୍ୟକଳାପକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ସଠିକ ତଦନ୍ତ ସହ ଆଇନ ଅନୁଯାୟୀ ପଦକ୍ଷେପ ସ୍ୱରୂପ ତୁରନ୍ତ କ୍ଷତିପୂରଣ ପ୍ରଦାନ ପାଇଁ ଦାବି ଜଣାଇଛି ବେଙ୍ଗଲ, ଓଡିଶା ଓ ଝାଡଖଣ୍ଡ ରାଜ୍ୟ ଅନ୍ତର୍ଗତ ବାପଟିଷ୍ଟ ମହାସଭାର ଖ୍ରୀଷ୍ଟିଆନ ସର୍ଭିସ ସୋସାଇଟି ସହଯୋଗରେ ଗଠିତ ବାପ୍ଟିଷ୍ଟ ଚର୍ଚ୍ଚ ପ୍ରୋପର୍ଟି ଆସୋସିଏସନ। ଏହି ପରିପ୍ରେକ୍ଷୀରେ ଆସୋସିଏସନ୍‌ର ଆଟର୍ଣ୍ଣି ହୋଲଡର ତଥା ଖ୍ରୀଷ୍ଟିଆନ ସର୍ଭିସ ସୋସାଇଟିର ସମ୍ପାଦକ ସଞ୍ଜିବ କୁମାର ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବାଲେଶ୍ୱର ଜିଲ୍ଲାପାଳଙ୍କୁ ସାକ୍ଷାତ ସହ ପ୍ରଶାସନର ଅଦୂରଦର୍ଶୀ



କାର୍ଯ୍ୟଧାରାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସହରରେ ଜବରଦଖଲ ଉଚ୍ଛେଦ ପାଇଁ ଗତ ମେ ୨୫ ତାରିଖରେ ପ୍ରଶାସନ ପକ୍ଷରୁ ଚାଲିଥିବା ଅଭିଯାନରେ ରାସ୍ତାପାର୍ଶ୍ୱରୁ ଦୋକାନ ଘର ଉଚ୍ଛେଦ ହୋଇଥଲା। ତେବେ ଫକୀର ମୋହନ ଗୋଲେଇ ନିକଟରେ ବାପ୍ଟିଷ୍ଟ ଚର୍ଚ୍ଚ ପ୍ରାଇଭେଟ ଲିମିଟେଡ, ମାଡ୍ରାସଙ୍କ ନାମରେ ଖାତା ନଂ ୧୫୧ ଓ ପ୍ଲଟ ନଂ ୪୭୫ ଜମି ଉପରେ ଥିବା ଦୋକାନ ଘରଗୁଡିକୁ ମଧ୍ୟ ଭଙ୍ଗାରୁଜା କରାଯାଇଛି ବୋଲି ଶ୍ରୀ ନାୟକ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଜମି ଉପରେ ବାଲେଶ୍ୱରର ସର୍ବପୁରାତନ ପ୍ରାଥମିକ ବିଦ୍ୟାଳୟ ମିଶନ ସ୍କୁଲ ପରିଚାଳିତ ହେଉଥିବା ବେଳେ ପୂର୍ବ ଭାଗରେ ମୁଖ୍ୟ ରାସ୍ତା ଠାରୁ ୧୦ରୁ ୧୫ଫୁଟ ଛାଡି ୧୦ଟି ଦୋକାନ ଘର ଆସୋସିଏସନ୍ ପକ୍ଷରୁ ଭଡା ସୂତ୍ରରେ ଦିଆଯାଇଛି। ଆଜି ପର୍ଯ୍ୟନ୍ତ ବାପ୍ଟିଷ୍ଟ ଚର୍ଚ୍ଚ ପ୍ରପର୍ଟି ଆସୋସିଏସନ ପକ୍ଷରୁ ଇଂଚେ ସରକାରୀ ଜମି ଜବରଦଖଲ କରିବାର ନଜିର ନଥିବା ବେଳେ ଏହି ଉଚ୍ଛେଦ ପ୍ରକ୍ରିୟା ଜନିତ କୌଣସି ସରକାରୀ ନୋଟିସ ମଧ୍ୟ ଆସୋସିଏସନକୁ ପ୍ରଦାନ କରାଯାଇନାହିଁ। ଉଚ୍ଛେଦ ପ୍ରକିୟା ବେଳେ ପୋଲିସ କର୍ମଚାରୀଙ୍କ ଉପସ୍ଥିତିରେ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନେ ଜୋର ଜବରଦସ୍ତ ନିୟମ ବହିର୍ଭୂତ କାର୍ଯ୍ୟକଳାପ ସ୍ୱରୂପ ଭଙ୍ଗାରୁଜା କରିବା ଯୋଗୁଁ ବ୍ୟକ୍ତିଗତ ମାଲିକାନାରେ ଥିବା ଦୋକାନ ଘରଗୁଡିକ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଶ୍ରୀ ନାୟକ ସୂଚନା ଦେଇଛନ୍ତି। ଦୋକାନ ଘରଗୁଡିକର ସାଜା ଭଙ୍ଗାଯାଇଥିଲେ ବି ଜେସିବି ମେସିନ ପ୍ରହାରରେ ଛାତ ଦୁର୍ବଳ ହୋଇଥିବା ବେଳେ କାନ୍ଥରେ ଫାଟ ସୃଷ୍ଟି ହୋଇଛି। ଫଳରେ ସେଠାରେ ବିପଦଜନକ ସ୍ଥିତିରେ ଦୋକାନ ଚଳାଇବା ଅସମ୍ଭବ ହୋଇପଡିଛି। ଏହା ଦ୍ୱାରା ଆସୋସିଏସନକୁ ବଡ ଆର୍ଥିକ କ୍ଷତିର ସମ୍ମୁଖୀନ ହେବାକୁ ପଡୁଛି ବୋଲି ଆସୋସିଏସନର ପ୍ରୋପର୍ଟି କଷ୍ଟୋଡିଆନ ରଞ୍ଜନ କୁମାର ସିଂ ପ୍ରକାଶ କରିଛନ୍ତି। ଆସୋସିଏସନ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ସରକାରୀ ଜମିର ସଠିକ ମାପ ଓ ସୀମା ନିର୍ଦ୍ଧାରଣ ସହ ପ୍ରଶାସନ ଦ୍ୱାରା ହୋଇଥିବା ଅନ୍ୟାୟପୂର୍ଣ୍ଣ ଭଙ୍ଗାରୁଜା ଜନିତ କ୍ଷତିପୂରଣ ପ୍ରଦାନ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି। ଏ ସମ୍ପର୍କରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ ସହ ବିହିତ କାର୍ଯ୍ୟାନୁଷ୍ଠାନ ନ ହେଲେ ଆଗାମୀ ଦିନରେ ଆଇନଗତ ପଦକ୍ଷେପ ଗ୍ରହଣ ନେଇ ଆସୋସିଏସନ ପକ୍ଷରୁ ସୂଚନା ଦିଆଯାଇଛି। ସୌରଭ ରାଉଳ, ଧନଞ୍ଜୟ ବୋଷ, ସଲିଳ ସିଂ, ବିମାନ ବିଶ୍ୱାସ, ପୁଷ୍ପିତା ବିଶ୍ୱାସ, ଯୋସେଫ ସିଂ, ସୁସେଞ୍ଜିତ ମହାପାତ୍ର, ଶୁଭ୍ରା ସିଂ, ଲିପିକା ରାଉଳ, ମାନସ ରଞ୍ଜନ ସିଂ, ମିତା ମୁର୍ମୁ, ଜାକବ ଦାସ, ବିଜୟ ଦାସ, ବିପ୍ଳବ ବିଶ୍ୱାସ ପ୍ରମୁଖ ଏହି ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

